ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ–୨୦, ସଂଖ୍ୟା : ୧୩୨
୧୯ ଅକ୍ଟୋବର, ୨୦୨୫ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 132
19th October, 2025 Sunday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ବୈ ଭିନ୍ନା ଜାତୁ ଚରନ୍ତି ଧର୍ମଂ**
**ନ ବୈ ସୁଖଂ ପ୍ରାପ୍ନୁବନ୍ତୀହ ଭିନ୍ନା**
**ନ ବୈ ଭିନ୍ନା ଗୌରବଂ ପ୍ରାପ୍ନୁବନ୍ତି**
**ନ ବୈ ଭିନ୍ନାଃ ପ୍ରଶମଂ ରୋଚୟନ୍ତି**

ପରସ୍ପର ମଧ୍ୟରେ ଭେଦଭାବ ସୃଷ୍ଟିରେ ନିପୁଣ ବ୍ୟକ୍ତିମାନେ କଦାପି ଧର୍ମ ଆଚରଣ କରିପାରନ୍ତି ନାହିଁ କିମ୍ବା ସୁଖ ଲାଭ କରିପାରନ୍ତି ନାହିଁ । ସେମାନେ କୌଣସି ପ୍ରକାର ଗୌରବ ଅର୍ଜନ ମଧ୍ୟ କରିପାରନ୍ତି ନାହିଁ । ଶାନ୍ତି ପ୍ରଦାୟକ କଥାବାର୍ତ୍ତା ସେମାନଙ୍କ ପକ୍ଷେ ରୁଚିକର ହୋଇନଥାଏ ।

## ପ୍ରାର୍ଥୀପତ୍ର ଦାଖଲ କଲେ ଘାସିରାମ-ଜୟ




**ନୂଆପଡା,୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପନିର୍ବାଚନ ଲାଗି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଓ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଆଜି ନିଜ ନିଜର ସମର୍ଥକମାନଙ୍କ ସହ ଆସି ନାମାଙ୍କନ ଦାଖଲ କରିଛନ୍ତି । ଘାସିରାମଙ୍କ ପ୍ରାର୍ଥୀ ପତ୍ର ଦାଖଲ ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବରିଷ୍ଠ ସଦସ୍ୟ ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଘାସିରାମଙ୍କ ରାଲିରେ ସାମିଲ ହୋଇଥିଲେ ହଜାର ହଜାର କଂଗ୍ରେସ କର୍ମୀ ଓ ସମର୍ଥକ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିବା ପରେ ଘାସିରାମ ମାଝୀ କହିଛନ୍ତି ଯେ, ନୂଆପଡାବାସୀ ବାହାର ଲୋକଙ୍କୁ ନୁହେଁ ମାଟିର ପୁଅକୁ ସମର୍ଥନ କରିବେ। ଏହି ଉପନିର୍ବାଚନରେ କଂଗ୍ରେସ ନିଶ୍ଚିତ ଜିତିବ ବୋଲି ଦମ୍ଭୋକ୍ତି କରିଥିଲେ ଘାସିରାମ ମାଝୀ।

ସେପଟେ ବଡ ରାଲିରେ ଆସି ନାମାଙ୍କନ ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ଯେତେବେଳେ ନାମାଙ୍କନ ଦାଖଲ କରିବାକୁ ଘରୁ ବାହାରିଥିଲେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଘର ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ମାଆ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ଆଶୀର୍ବାଦ ନେଇଥିଲେ। ଏଥିସହ ଶୁଭ କାର୍ଯ୍ୟରେ ପୁଅ ବାହାରୁ ଥିବାରୁ ଜୟଙ୍କୁ ମିଠା ଦହି ଓ ମିଠା ଖୁଆଇଥିଲେ ପରିବାର ସଦସ୍ୟ। ଖରିଆର ରୋଡ୍‌ଠାରୁ ନୂଆପଡା ପର୍ଯ୍ୟନ୍ତ ହଜାର ହଜାର ସମର୍ଥକଙ୍କ ବାଇକ୍ ରାଲିରେ ଆସିଥିଲେ ଜୟ ଢୋଲକିଆ। ଘରୁ ବାହାରିବା ଠାରୁ ଆରମ୍ଭ କରି ଉପଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିବା ପର୍ଯ୍ୟନ୍ତ ଜୟ ଢୋଲକିଆଙ୍କ ପାଖେ ପାଖେ ଉଭୟ ବସନ୍ତ ପଣ୍ଡା ଓ ତାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ଦେଖିବାକୁ ମିଳିଥିଲା। କେତେବେଳେ ଜୟଙ୍କୁ ଅଭିନନ୍ଦନ ବାଟ କଢାଇ ନେଉଥିଲେ ତ ଆଉ କେତେବେଳେ ଆଗକୁ ଆସୁଥିଲେ ବସନ୍ତ ପଣ୍ଡା। ରାଜ୍ୟ ବିଜେପି ସଭାପତି, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ମନ୍ତ୍ରୀ ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ, ଗଣେଶ ରାମସିଂ ଖୁଣ୍ଟିଆଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ଜୟ। ଜୟଙ୍କ ପାଇଁ ପ୍ରସ୍ତାବକ ସାଜିଥିଲେ ପୂର୍ବତନ ବିଜେପି ସଭାପତି *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାଜଧାନୀରେ ନାବାଳିକାଙ୍କୁ ଗଣଦୁଷ୍କର୍ମ



**ଭୁବନେଶ୍ୱର,୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କ୍ୟାପିଟାଲ ଥାନା ଅଧିନ ଅଶୋକ ନଗର ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରିଥିବାର ଅଭିଯୋଗ ଆସିଛି। ନାବାଳିକା ଜଣକ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଛି। କ୍ୟାପିଟାଲ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଦୁଷ୍କର୍ମ ମାମଲାର ତଦନ୍ତବେଳେ ଠାବ ହୋଇଛି ସେକ୍ସ ରାକେଟ। ଖାଲି ସେତିକି ନୁହେଁ ସେକ୍ସ ରାକେଟର ରାଣୀ ମହୁମାଛି ସହ ୪ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ଘର ମାଲିକ ସଞ୍ଜୀବ ଦାସ ଓ ଦଲାଲ ଅବିନାଶ ମୁଦୁଲି। ଘର ମାଲିକ ଏବଂ ଦଲାଲ ଅବିନାଶ ନାଁରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି।

ଖବର ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଅଶୋକ ନଗର ରାସ୍ତା କଡ଼ରୁ ଜଣେ ନାବାଳିକାକୁ ମୁମୂର୍ଷୁ ଅବସ୍ଥାରେ ପଡିଥିଲେ। କିଛି ଲୋକ ମାନସିକ ବିକୃତ ଭାବି ଅଣଦେଖା କରିଥିଲେ। ରାତି ଯେତେବେଳେ ବଢିଥିଲା ନାବାଳିକା ଯନ୍ତ୍ରଣାରେ ଅଧିକ ଛଟପଟ ହେଉଥିଲେ। କିଛି ଅଟୋ ଚାଳକ ଘଟଣାସ୍ଥଳକୁ ଯାଇ ନାବାଳିକାଙ୍କ ଅବସ୍ଥା ଦେଖି ପୋଲିସକୁ ଖବର ଦେଇଥିଲେ। ନାବାଳିକାଙ୍କ ଦେହରେ ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଥିଲା। ଏପିରିକି ସେ ପିନ୍ଧିଥିବା ପୋଷାକ ମଧ୍ୟ ଚିରି ଯାଇଥିଲା। ଘଟଣା ସଂପର୍କରେ ଖବର ପାଇ କ୍ୟାପିଟାଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି । ତେବେ ଚିକିତ୍ସା ସମୟରେ ନାବାଳିକାଙ୍କ ସହ ଦୁଷ୍କର୍ମ ହୋଇଥିବା ଡାକ୍ତର ଜାଣିବାକୁ ପାଇଛନ୍ତି। ନାବାଳିକା ଜଣଙ୍କ କିଛି କହି ପାରୁନଥିଲେ। ପରବର୍ତ୍ତୀ ସମୟରେ ଚିକିତ୍ସା ପରେ ନାବାଳିକା ଜଣଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୨ ଦିନ ଦୀପାବଳି ଛୁଟି

**ଭୁବନେଶ୍ୱର,୧୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ସୋମବାର ଓ ମଙ୍ଗଳବାର ଦୁଇ ଦିନ ଦୀପାବଳି ପାଇଁ ଛୁଟି। ଅର୍ଥାତ୍ ୨୦୨୫ ଅକ୍ଟୋବର ୨୦ ଓ ୨୧ ତାରିଖରେ ଓଡିଶାରେ ଦୀପାବଳି ଛୁଟି ହେବ। ଦୀପାବଳି ଛୁଟି ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଆସନ୍ତା ୨୫ ତାରିଖ ଚତୁର୍ଥ ଶନିବାର ହୋଇଥିବା ସତ୍ତ୍ୱେ ଏହି ଦିନ ଛୁଟି ହେବ ନାହିଁ। ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସବୁ ଜିଲ୍ଲାରେ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ୨୦ରେ ନୂଆପଡ଼ାରେ ସରକାରୀ କାର୍ଯ୍ୟାଳୟ ବା ମାଜିଷ୍ଟ୍ରେରିଆଲ କୋର୍ଟ ଖୋଲା ରହିବ।

ସେହିପରି ସୋମବାର ଦୀପାବଳି ପାଇଁ ସବୁ ସ୍କୁଲ ଛୁଟି ରହିବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିବା ସୂଚନା।

ସୂଚନାଯୋଗ୍ୟ,ଦୀପାବଳି ପାଳନ ନେଇ ପୂର୍ବରୁ ଅକ୍ଟୋବର ୨୦ ତାରିଖ ଠିକ୍ ବୋଲି ମୁକ୍ତି ମଣ୍ଡପରେ ଘୋଷଣା ହୋଇଛି। ଶ୍ରୀମନ୍ଦିରରେ ଆସନ୍ତା ୨୦ ତାରିଖ ଦିନ ଦୀପାବଳି ଓ ପୟାଶ୍ରାଦ୍ଧ ଆୟୋଜନ ହେବ ବୋଲି ମଧ୍ୟ କୁହାଯାଇଛି। ତେବେ ଲୋକଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*


## ଷଣ୍ଢ ମୁହଁରେ ଫୁଟିଲା ବାଣ

**ଭୁବନେଶ୍ୱର,୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦୀପାବଳିରେ ମଣିଷ ଯେଉଁ ବାଣ ଫୁଟାଇ ଖୁସି ହୁଏ ସେହି ଖୁସି ଯେ ଆଉ କାହା ପାଇଁ ଦୁଃଖର କାରଣ ପାଲଟେ ତାହା ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱରରେ। ଯେଉଁଠି ଷଣ୍ଢ ପାଟିରେ ବାଣ ବିସ୍ଫୋରଣ ହୋଇଛି। ଆଉ ବାଣ ପାଟିରେ ଫାଟିବା ପରେ ଷଣ୍ଢଟି ଗୁରୁତର ହୋଇଛି। ଗୁରୁତର ଅବସ୍ଥାରେ ଷଣ୍ଢକୁ ଉଦ୍ଧାର କରାଯାଇଥିବା ବେଳେ ଭୁବନେଶ୍ୱର ପାତ୍ରପଡା ଗୋଶାଳାରେ ତା'ର ଚିକିତ୍ସା ହେଉଛି। ତେବେ କେହି ଖାଦ୍ୟରେ ବୋମା ଦେଇଥିବା ଅଭିଯୋଗ ହେଉଥିବା ବେଳେ ବିସ୍ଫୋରଣର କାରଣ ଏଯାଏଁ ଜଣାପଡିନି। କୁହାଯାଉଛି ବାରହା ମାରିବାକୁ ଖାଦ୍ୟରେ କେହି ବାଣ ଖଞ୍ଜିଥିବା ବେଳେ ଷଣ୍ଢଟି ଏହାକୁ ଚୋବାଇ ଦେବା ପରେ ବିସ୍ଫୋରଣ ହୋଇ ପାଟି ଫାଟି ଯାଇଛି ।

ତେବେ ପାଟିରେ ବିସ୍ଫୋରଣ ପରେ ଷଣ୍ଢଟି ଅନେକ କଷ୍ଟ ପାଉଛି। ନିଶ୍ୱାସ ନେବାରେ ତାକୁ କଷ୍ଟ ହେଉଛି। ଥରେ ଭାବନ୍ତୁ ତ ଆପଣ ଲୋଭରେ କିଛି ଖାଦ୍ୟକୁ ମନଭରି ଖାଉଛନ୍ତି ଆଉ ସେଥିରେ ଆପଣଙ୍କ ଅଜାଣତରେ କେହି ବିସ୍ଫୋଟକ ଭରି ଦେଇଥିବ ଆଉ ଚୋବେଇଲା *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାତ୍ୟା ନେଇ ସତର୍କ ସୂଚନା ଜାରି କରାଯାଇ ନାହିଁ: ଆଇଏମ୍ଡି



**ଭୁବନେଶ୍ୱର,୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅକ୍ଟୋବରରେ ଓଡିଶାବାସୀଙ୍କୁ ବାତ୍ୟା ଚିନ୍ତା ଘାରିଥାଏ। ଆସନ୍ତା ସପ୍ତାହରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ତାମିଲନାଡୁ, ପୁଡୁଚେରୀ ଓ ଆନ୍ଧ୍ରପ୍ରଦେଶରେ ଗତି କରିବାକୁ ଥିବା ବେଳେ ଏହି ସମୟରେ ପବନର ବେଗ ଘଣ୍ଟା ପିଛା ୩୦ରୁ ୫୫କିମି ଯାଏଁ ବହିପାରେ। କିନ୍ତୁ ଭାରତୀୟ ପାଣିପାଗ ବିଭାଗ ବାତ୍ୟା ନେଇ କୌଣସି ସତର୍କ ସୂଚନା ଜାରି କରି ନାହିଁ। ଓଡ଼ିଶାକୁ ମଧ୍ୟ ନେଇ ସତର୍କ ସୂଚନା ଜାରି କରାଯାଇ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଆଇଏମ୍ଡି ଡଜି କହିଛନ୍ତି, ଜିଏଫ୍‌ଏକ୍ସ ମଡେଲ ଦେଖନ୍ତୁ ନାହିଁ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ ଯାହା ପୂର୍ବାନୁମାନ କରାଯାଉଛି ତାକୁ ହିଁ ଦେଖନ୍ତୁ। ପାଣିପାଗ ବିଭାଗ ଅନୁସାରେ ଆସନ୍ତା ୨୧ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ଅକ୍ଟୋବର ୨୩ ତରିଖ ସକାଳ ସୁଦ୍ଧା ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ହେବାକୁ ଥିବା ଏହି ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବ। ତାପରେ ଏହା ତାମିଲନାଡୁ, ପୁଡୁଚେରୀ ଏବଂ ନିକଟସ୍ଥ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଆଡକୁ ଆଗେଇବ।

ଏହାର ପ୍ରଭାବରେ ୨୧ ତାରିଖ ପାଖରୁ ଦକ୍ଷିଣ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସାଇବର ଅପରାଧ ରୋକିବାକୁ ସଚେତନତା ଶକ୍ତିଶାଳୀ ଅସ୍ତ୍ର



**ଭୁବନେଶ୍ୱର,୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜ ପାଇଁ ଆଜି ବଡ ଚ୍ୟାଲେଞ୍ଜ ହୋଇଥିବା ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ସୁରକ୍ଷା ସଚେତନତା ଅଭିଯାନ ୨୦୨୫ର ଶୁଭାରମ୍ଭ ଅବସରରେ କହିଛନ୍ତି। ଏହି ଅଭିଯାନରେ ଏକମାସ ବ୍ୟାପୀ ନୂଆପଡା ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ସଚେତନତା ରଥ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଯିବ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସଚେତନତା ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ପ୍ରାୟ ୮୨ କୋଟି ଲୋକ ଅର୍ଥାତ ୫୫ ପ୍ରତିଶତ ଲୋକ ଆଜି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ଦ୍ୱିତୀୟ ରହିଛି। ଆମ ଦୈନନ୍ଦିନ ଜୀବନରେ ଆମେ ସମସ୍ତେ ଡିଜିଟାଲ୍ ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଯାଇଛୁ। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି । ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶୀକାର ହେବାକୁ ପଡୁଛି। ଏହି ଅପରାଧକୁ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ଏଥିପାଇଁ ଆମ ସରକାର ସାଇବର ପୋଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି।

ସାଇବର ଅପରାଧ ରୋକିବା କ୍ଷେତ୍ରରେ ଓଡିଶା ପୋଲିସଙ୍କୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର *(ଶେଷ ପୃଷ୍ଠା ଦେଖନ୍ତୁ)*

### ବିହାର ନିର୍ବାଚନ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ ଶେଷ

## ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

**ପାଟନା,୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି। ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ଥିଲା। ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)ର ଅଂଶୀଦାର ଦଳଗୁଡିକ ଆସନ ବୁଝାମଣା ଆଧାରରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଥିବାବେଳେ ବିରୋଧୀ ମହାମେଣ୍ଟ ବା ଇଣ୍ଡି ମେଣ୍ଟର ଅଂଶୀଦାର ଦଳଗୁଡିକ ମଧ୍ୟରେ ଆସନ ବୁଝାମଣା ଚୂଡାନ୍ତ ହୋଇପାରି ନାହିଁ। ଆସନ ବୁଝାମଣା ଚୂଡାନ୍ତ ହୋଇ ନଥିବାରୁ ଅଂଶୀଦାର ଦଳଗୁଡିକ ନିଜ ନିଷ୍ପତ୍ତି ଅନୁଯାୟୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ କଂଗ୍ରେସ ୪୮ଜଣିଆ ପ୍ରାର୍ଥିତାଲିକା ପ୍ରକାଶ କରିବା ପରେ ଶୁକ୍ରବାର ଏହାର ନେତାମାନେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

ମହାମେଣ୍ଟର ଅଂଶୀଦାର ଦଳଗୁଡିକ ପ୍ରାର୍ଥିପତ୍ର ଦାଖଲ କରିସାରିଥିବାବେଳେ ଆଗକୁ ଆସନ ବୁଝାମଣା କଥାବାର୍ତ୍ତା ହେବ ବୋଲି କଂଗ୍ରେସ ନେତା ପବନ ଖେଡା କହିଛନ୍ତି। ସେ କହିଛନ୍ତି ଯେ ପ୍ରାର୍ଥିପତ୍ର ଦାଖଲ ସତ୍ତ୍ୱେ ମେଣ୍ଟରେ ଆସନ ବୁଝାମଣା ହେବ। ମେଣ୍ଟ ମଧ୍ୟରେ କୌଣସି ପ୍ରକାର ଅନ୍ତଃଦ୍ୱନ୍ଦ୍ୱ ଦେଖାଯିବ ନାହିଁ। ଏପରି କି ବିହାରରେ ମହାମେଣ୍ଟ ସରକାର ଗଠନ କରିବ ବୋଲି ଖେଡା ଦୃଢୋକ୍ତି ପ୍ରକାଶ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ଶେଷ ପରେ ପ୍ରାର୍ଥିପତ୍ର *(ଶେଷ ପୃଷ୍ଠା ଦେଖନ୍ତୁ)*

## ନୂଆପଡ଼ାରେ କର୍ମୀଙ୍କ ଘରେ ଡେରା ପକାଉଛନ୍ତି ନେତା

**ଭୁବନେଶ୍ୱର,୧୮।୧୦: ତଥ୍ୟ**

ଉପନିର୍ବାଚନ ପାଇଁ ଉପାନ୍ତ ଅଞ୍ଚଳ ନୂଆପଡା ଦୁଲୁକୁଥିବାବେଳେ ସେଠି ଡେରା ପକାଇଛନ୍ତି ତିନି ପ୍ରମୁଖ ଛାମୁଆ ପ୍ରମୁଖ ରାଜନୈତିକ ଦଳର ନେତାମାନେ । ଶିଳ୍ପବିହୀନ ନୂଆପଡା ଜିଲ୍ଲାରେ ନେତାଙ୍କ ରହଣୀ ପାଇଁ ସେମିତି କିଛି ବଡ ଧରଣର ହୋଟେଲ ନାହିଁ। ଯେତିକି ବି ଡାକବଙ୍ଗଳା ରହିଛି ତାହା ଉପରେ ନିର୍ବାଚନ କମିଶନଙ୍କ କଡା କଟକଣା । ଏ ପରିପ୍ରେକ୍ଷୀରେ ନୂଆପଡାରେ ପ୍ରଚାର ମଇଦାନକୁ କୁଦା ମାରିଥିବା ନେତା ଓ ନେତ୍ରୀମାନଙ୍କ ପାଇଁ ରହିବା ସମସ୍ୟା ଉପୁଜିଛି ।

ନୂଆପଡା, କୋମନା, ଖରିଆରରୋଡ୍ ଓ ସୋନାବେଢ଼ା ଅଭୟାରଣ୍ୟର କିଛି ଅଂଶକୁ ନେଇ ଗଠିତ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀ । ଏଠାକାର ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ମୃତ୍ୟୁ ପରେ ସେଠାରେ ହେଉଥିବା ଉପନିର୍ବାଚନ ପାଇଁ



ବିଜେପି, କଂଗ୍ରେସ ଓ ବିଜେଡି ପକ୍ଷରୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ ହୋଇଛି । ଏମିତିକି ବୁଥ୍ ସ୍ତରରେ ଭୋଟରଙ୍କୁ ଜଗିବାପାଇଁ ବିଭିନ୍ନ ଦଳର ନେତାମାନେ ବାହାରୁ ନୂଆପଡାକୁ ଦଉଡୁଛନ୍ତି । ଏହି ଭୋଟ ଟୁରିଜିମ୍ କ୍ଷେତ୍ରର ଋତୁକାଳୀନ ପର୍ଯ୍ୟଟକମାନଙ୍କ ପାଇଁ ଭରସା ପଡୋଶୀ ନିର୍ବାଚନମଣ୍ଡଳୀ ଓ ପଡୋଶୀ ରାଜ୍ୟ ଏବଂ ଗାଁ ଗହଳର କର୍ମୀଙ୍କ ଘର ।

ଏବେ ନୂଆପଡା ନିର୍ବାଚନମଣ୍ଡଳୀରେ ଯେତିକି ବି ହୋଟେଲ ପ୍ରକୋଷ୍ଠ ରହିଛି ସେସବୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ ଆଗତୁରା ବୁକିଂ ହୋଇଯାଇଛି । ଏବେ ଦୁଇଦଳର ପାର୍ଥୀ ନାମାଙ୍କନପତ୍ର ଦାଖଲ କରିସାରିଥିବାବେଳେ ଆଉ ଗୋଟିଏ ଦଳର ପ୍ରାର୍ଥୀ ନାମାଙ୍କନପତ୍ର ଧରିବା ବାକି ଅଛି । ଏହାଛଡା ଆଉ କେତେକ ଛୋଟ ଛୋଟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଏଠି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି ।

ଅବିଭକ୍ତ କଳାହାଣ୍ଡି, ବଲାଙ୍ଗିର ସମେତ ପଡୋଶୀ ରାୟପୁର ରାଜ୍ୟରେ ତେଣୁ ନୂଆପଡା ଆଖପାଖର ଯେଉଁସବୁ ବେସରକାରୀ ହୋଟେଲ, ପର୍ଯ୍ୟଟନସ୍ଥଳୀ ଆଦି ଅଛି ସେଠି ବି ବିଭିନ୍ନ ଦଳର ନେତାମାନଙ୍କ ପକ୍ଷରୁ ପ୍ରକୋଷ୍ଠ ବୁକିଂ ଆରମ୍ଭ ହୋଇଯାଇଛି । ଭୁବନେଶ୍ୱରରେ ଯେଉଁ ନେତାମାନେ ତାରକା ହୋଟେଲ ଖାଦ୍ୟ ପସନ୍ଦ କରିବା ସହ ବିଳାସପୂର୍ଣ୍ଣ ଦାମୀ ଗାଡିରେ ଘୂରୁଥାଆନ୍ତି ସେମାନେ ଏବେ ବିଭିନ୍ନ ଗାଁରେ କର୍ମୀଙ୍କ ଘରେ ଡେରା ପକାଉଛନ୍ତି । ଆଗକୁ ଅଧିକ ସଂଖ୍ୟକ ନେତାଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ସେମାନଙ୍କ ଲାଗି କିଭଳି ଘର ବ୍ୟବସ୍ଥା ହେବ ସେହି ଚିନ୍ତା ଘାରିଛି ସ୍ଥାନୀୟ ଦଳୀୟ ନେତାମାନଙ୍କୁ।

ବିଶେଷକରି ସୁନାବେଡା ଅଭୟାରଣ୍ୟ ଭିତରେ ଯେଉଁସବୁ ଗାଁମାନ ରହିଛି ସେଠି ରାତିରେ ରହିବାପାଇଁ ଅଧିକାଂଶନେତା ରାଜି ହେଉନାହାନ୍ତି । ଅବଶ୍ୟ ଏହା ପଛରେ ନରାପତ୍ତା କାରଣ ରହିଛି । ଛତିଶଗଡକୁ ମାଓମୁକ୍ତ କରିବାପାଇଁ ଯେଉଁ ଅଭିଯାନ ଚାଲିଛି ସେଥିରେ ଅନେକ ମାଓ ନେତା ସୀମାନ୍ତବର୍ତ୍ତୀ ନୂଆପଡା, ବରଗଡ ଆଦି ଜିଲ୍ଲାର ଜଙ୍ଗଲିଆ ଅଞ୍ଚଳକୁ ନିରାପଦସ୍ଥଳୀ ଭାବିପାରନ୍ତି ବୋଲି ଆଶଙ୍କାକରି କଡା ନିରାପତ୍ତା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି । ରାଜ୍ୟ ପୁଲିସ୍ ଫୋର୍ସ ସହିତ କେନ୍ଦ୍ରୀୟ ସୁରକ୍ଷାବଳ ମଧ୍ୟ ଏଥିପାଇଁ ନିୟୋଜିତ ହେଉଛନ୍ତି ।

ଏବେ ଗ୍ରାମାଞ୍ଚଳରେ ନେତାମାନଙ୍କ ପଦଯାତ୍ରା, ଶୋଭାଯାତ୍ରା, ଛୋଟ ଛୋଟ ବୈଠକମାନ ଅନୁଷ୍ଠିତ ହେଉଛି । ଅନ୍ୟ ପକ୍ଷରେ ନୂଆପଡା ଜିଲ୍ଲାର କେତେକ ଅଞ୍ଚଳରେ ମଦ ବିରୋଧି ଅଭିଯାନ ପ୍ରବଳ ହୋଇଛି । ଅତୀତରେ ମଧ୍ୟ ମଦମୁକ୍ତି ଅଭିଯାନରୁ ନୂଆପଡାର କର୍ମୀମାନେ ବେଶ୍ ସଫଳତା ହାସଲ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଖାଇରେ ବସ୍ ଖସି ୮ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ମୁମ୍ବାଇ,୧୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ଦିନ ମହାରାଷ୍ଟ୍ରର ନନ୍ଦୁରବାରରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଅତି କମରେ ଆଠ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବସଟି ଚାନ୍ଦଶାଳୀ ଘାଟରେ ନିୟନ୍ତ୍ରଣ ହରାଇ ଗଭୀର ଖାଇରେ ଖସି ପଡ଼ିଥିଲା।

ସ୍ଥାନୀୟ ପୁଲିସ କହିଛି ଯେ ଏହି ଘଟଣା ଘଟିବା ସମୟରେ ପୀଡିତମାନେ ଅଷ୍ଟମ୍ବା ଦେବୀ ମନ୍ଦିର ଦର୍ଶନ କରି ଫେରୁଥିଲେ। ଘାଟିରାସ୍ତାରେ ବସ ଚଳାଇବା ସମୟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ, ଯାହା ଫଳରେ ଗାଡ଼ିଟି ଗର୍ତ୍ତରେ ଖସି ପଡ଼ିଥିଲା। ଧକ୍କା ଏତେ ତୀବ୍ର ଥିଲା ଯେ ଯାତ୍ରୀମାନେ ବସରୁ ବାହାରକୁ ଛିଟିକି ପଡ଼ିଥିଲେ।

ଦୁର୍ଘଟଣାର ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ସାମାନ୍ୟ ଆହତ ହୋଇଥିବା ଲୋକମାନଙ୍କୁ ତାଲୋଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ଗୁରୁତର ଆହତମାନଙ୍କୁ ଜିଲ୍ଲା ହସପିଟାଲକୁ ପଠାଯାଇଥିଲା। ଅଷ୍ଟମ୍ବା ମନ୍ଦିର ମହାରାଷ୍ଟ୍ରର ଏକ ପ୍ରମୁଖ ଦେବୀପୀଠ। କେବଳ ମହାରାଷ୍ଟ୍ର ନୁହେଁ, ପଡ଼ୋଶୀ ଗୁଜରାଟରୁ ଅନେକ ତୀର୍ଥଯାତ୍ରୀ ଏଠାକୁ ଦର୍ଶନ କରିବାକୁ ଆସନ୍ତି।

## ଟ୍ରେନରୁ ୭୦ଲକ୍ଷ ଜବତ: ୨ଅଟକ

**ଟିଟିଲାଗଡ,୧୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଟିଟିଲାଗଡରୁ ୭୦ଲକ୍ଷ ଟଙ୍କା ଜବତ ହୋଇଛି। ଧର୍ତି ଆବା ସୁପରଫାଷ୍ଟ ଟ୍ରେନରୁ ଟଙ୍କା ଜବତ କରିଛି ପୁଲିସ। ଘଟଣାରେ ପ୍ରଭାତ କୁମାର ସାହୁ ଓ ଉମେଶ ପ୍ରସାଦ ନାମକ ଦୁଇ ଜଣଙ୍କୁ ଅଟକ ରଖାଯାଇଛି । ଟ୍ରେନଟି ଏର୍ଣ୍ଣାକୁଲମରୁ ହଟିଆ ଯାଉଥିବା ବେଳେ ଜିଆରପି ପୁଲିସ ଏହାକୁ ଜବତ କରିଛି। ଦୁଇ ଜଣ ଓଡିଆ ଯୁବକ ଟଙ୍କା ସହିତ ଧରାପଡିଥିବାରୁ ପୁଲିସ ସେମାନଙ୍କୁ ଜେରା କରୁଛି।

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୯ ଅକ୍ଟୋବର ୨୦୨୫ । ରବିବାର




## ଧାନରେ ପତ୍ରପୋଡା ରୋଗ: ଚିନ୍ତାରେ ଚାଷୀ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ । ଏହି ବ୍ଲକର ୩୭ଟି ପଞ୍ଚାୟତରେ ୧୨ ହଜାର ହେକ୍ଟରରେ ଧାନ ଚାଷ କରାଯାଇଛି । ବର୍ତ୍ତମାନ ଧାନରେ ଧାନ ଫୁଲ ଉଡାଇବା ଆରମ୍ଭ ହେଉଥିବା ସମୟରେ ଧାନରେ ଏବେ ପତ୍ରପୋଡା ରୋଗ ବ୍ୟାପୀବାରେ ଲାଗିଛି । ଯାହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ଚାଷୀମାନେ ଧାର କରଜ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିଶ୍ରମ କରି ବିଲରେ ଧାନ ଫସଲ କରିଛନ୍ତି । ଏହି ଫସଲ ହେବା ଦ୍ୱାରା ସେମାନଙ୍କୁ ବର୍ଷକର ଆହାର ମିଳିଥାଏ । ବିଶେଷ କରି ମୂଳବସନ୍ତ, କୁହୁଣ୍ଡା, କୋଳିଅଠା, ବାସୁଦେବପୁର, ମଧୁପୁର ସମେତ ବିଭିନ୍ନ ପଞ୍ଚାୟରେ ଧାନ ଗଛରେ ରୋଗ ପୋକ ଲାଗିବା ସହ ପତ୍ରପୋଡା ରୋଗ ଦେଖିବାକୁ ମିଳୁଛି । ଏହି ରୋଗ ଦ୍ୱାରା ଧାନ ଗଛ ଗୁଡିକ ହଳଦୀ ରଙ୍ଗ ପଡିବା ସହ ସତେ ଯେମିତି ପାଚିଲା ପରି କ୍ଷେତ ଦେଖାଯାଉଛି ଏବଂ କାଣ୍ଡରେ ପୋକ ଲାଗିବା ଦ୍ୱାରା ଗଛ ଶୁଖି ଯାଇ ମଉଳି ଯାଉଛି । ଏଣୁ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ରୋଗ ପୋକର ନିରାକରଣ କରାଇବା ସହ ସହାୟତ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ଏ ସଂପର୍କରେ ବ୍ଲକ କୃଷି ବିଭାଗ ଅଧିକାରୀ ରାଧାଶ୍ୟାମ ଦାସଙ୍କୁ ଯୋଗାଯୋଗ କରିବାରୁ ଯେଉଁ ଚାଷୀମାନଙ୍କର ଏହି ରୋଗ ଦେଖାଯାଉଛି ସେମାନଙ୍କୁ କୃଷି ବିଭାଗ ପକ୍ଷରୁ ରୋଗ ନିରାକରଣ ଔଷଧ ବ୍ୟବସ୍ଥା କରାଯାଉଛି । ଯଦି ସେମାନେ ନିଜେ କିଣି ଆଣନ୍ତି ତେବେ ସେମାନଙ୍କୁ ସବସିଡରେ ଔଷଧ ଯୋଗାଇ ଦିଆଯିବ ବୋଲି କହିଥିଲେ ।

## ସୋଲାର ପ୍ୟାନେଲ ସ୍ଥାପନାର ଶୁଭ ଉଦଘାଟନ



**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ପଶ୍ଚିମ ଓଡିଶାରେ ପ୍ରଥମ ଥର ପାଇଁ ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅନ୍ତର୍ଗତ ମହିମୁଣ୍ଡା ଠାରେ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଶାନ୍ତିଲତା ମେଷୁଆଙ୍କ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାର ଶୁଭ ଉଦଘାଟନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରବ୍ ଶିଵାଜୀ ଇସଲୱାର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ, ଅନ୍ୟତମ ଅତିଥି ଭାବେ ମୁଖ୍ୟ ନିର୍ବାହୀ ଅଧିକାରୀ, ଟିପିଡବ୍ଲୁଓଡିଏଲ୍ ପ୍ରବୀଣ ବର୍ମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଇଁତଳା ଅମରେନ୍ଦ୍ର ସ୍ୱାଇଁ, ସରପଞ୍ଚ ମହିମୁଣ୍ଡା ରଞ୍ଜିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ପଶ୍ଚିମ ଓଡ଼ିଶା ବଣ୍ଟନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍)ଙ୍କ ଦ୍ୱାରା ପରିଚାଳିତ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଅଛି । ପିଏମ ସୂର୍ଯ୍ୟଘର ପୋର୍ଟାଲରେ ଉପଭୋକ୍ତାମାନେ ଆବେଦନ କରି ଏକକାଳୀନ ସ୍ୱଳ୍ପ ବିନିଯୋଗରେ ଦୀର୍ଘକାଳୀନ ସୁବିଧା ତଥା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ରିହାତି ଓ ଋଣର ଲାଭ ଉଠାଇ ପାରିବେ । ଆଜିର ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲ୍ ର ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ତଥା ମହିମୁଣ୍ଡାର ଗ୍ରାମବାସୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରି ଘଟଣାରେ ୨ ଗିରଫ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରରେ ଜୁଲାଇ ମାସରୁ କ୍ରମାଗତ ଭାବେ ହେଉଥିବା ଚୋରି ଗୁଡ଼ିକର ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛି । ଏହି ସିରିଆଲ ଚୋରିରେ ସାମିଲ ମୁଖ୍ୟ ଆସାମୀ ଅନୀଲ ଗମାଙ୍ଗଙ୍କୁ ପୋଲିସ ଧରିବା ସହ ତା'ଠାରୁ ମିଳିଥିବା ସୂଚନାକୁ ଆଧାର କରି ଜଣେ ସହଯୋଗୀ ସଞ୍ଜିତ ନାୟକକୁ ଗିରଫ କରିଛି । ସେମାନଙ୍କ ଠାରୁ ପୋଲିସ ୫ଟି ଲ୍ୟାପଟପ୍, ୩ଟି ଅଲ୍ ଇନ୍ ୱାନ କମ୍ପ୍ୟୁଟର, ଗୋଟିଏ ପ୍ରୋଜେକ୍ଟର, ଅନେକ ଗୁଡ଼ିଏ କମ୍ପ୍ୟୁଟର ସାମଗ୍ରୀ ଜବତ କରିଛି । ଅନୀଲ ଶିକ୍ଷିତ ହୋଇଥିବା ସହ ସହରର ଆରଟିଓ ଅଫିସ ନିକଟରେ ତିନି ମହଲା ଅଟ୍ଟାଳିକାରେ ରହୁଥିବା ଅନୀଲ ଏଭଳି ଚୋରିରେ ସାମିଲ ଥିବା ଅନ୍ୟମାନଙ୍କୁ ଚକିତ କରିବା ସହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଜୁଲାଇ ମାସ ୧୫ ତାରିଖ ଓ ଅଗଷ୍ଟ ୧୫ ତାରିଖ ଦିନ ଛତ୍ରପୁରର ତାଡେପଲ୍ଲୀ ସାହି ସ୍ଥିତ ଓକେସିଏଲର ଜିଲ୍ଲା ମୁଖ୍ୟ କେନ୍ଦ୍ରରେ ଖାସ୍ ଡିଜିଟାଲ ଏଜୁକେସନରୁ ୯ଟି ଲ୍ୟାପଟପ୍, ୩ଟି ଅଲ୍ ଇନ୍ ୱାନ କମ୍ପ୍ୟୁଟର, ପ୍ରୋଜେକ୍ଟର, ସ୍କାନର, ପ୍ରିଣ୍ଟର ଆଦି ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିଲା । ଏହାପରେ ସେପ୍ଟେମ୍ବର ମାସ ୧୫ ତାରିଖ ଦିନ ଛତ୍ରପୁରର ଆଉ ଏକ କମ୍ପ୍ୟୁଟର କେନ୍ଦ୍ର ଏଡୁକେରରେ ଚୋରି ସହ ନିଆଁ ଲଗାଇ ଦେଇଥିଲା । ଏହି ସମସ୍ତ ଚୋରି ଏକ ନିର୍ଦ୍ଦିଷ୍ଟ ପ୍ୟାଟର୍ନରେ ହୋଇଥିବାରୁ ଏହା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଶନିବାର ଛତ୍ରପୁର ସ୍ଥିତ ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ସମସ୍ତ ତଥ୍ୟ ପ୍ରଦାନ କରିବା ସହ ଅପରାଧୀଙ୍କ ପ୍ୟାରେଡ କରାଇ ଥିଲେ ।



ପୋଲିସ ସାଇବର ସେଲର ସହଯୋଗ ସହ ସ୍ୱତନ୍ତ୍ର ସୂତ୍ରରୁ ଖବର ପାଇ ଅପରାଧୀଙ୍କୁ ଗିରଫ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାମଗ୍ରୀ ଜବତ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ । ଏହାପରେ ଗଞ୍ଜାମ ଏସପି ଉକ୍ତ ଉଦ୍ଧାର ହୋଇଥିବା ସାମଗ୍ରୀ ଗୁଡିକୁ ଓକେସିଏଲର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ ରେଖା ମହାନ୍ତିଙ୍କୁ ଫେରାଇ ଥିଲେ ।

## ସତ୍ୟବାଦୀରେ ବେଆଇନ ନିର୍ମାଣ ଉଚ୍ଛେଦ

**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରଶାସନ ପକ୍ଷରୁ ମନ୍ଦିର ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ଉପରେ ବେଆଇନ ହୋର୍ଡିଙ୍ଗ ଓ ରାସ୍ତାକୁ ଜବରଦଖଲ କରିଥିବା ବ୍ୟବସାୟୀ ପ୍ରତିଷ୍ଠା ଗୁଡ଼ିକୁ ସତ୍ୟବାଦୀ ପ୍ରସାଶନିକ ଅଧିକାରୀ ଓ ଥାନା ପକ୍ଷରୁ ଉଚ୍ଛେଦ ଆରମ୍ଭ କରାଯାଇଛି । ଲକ୍ଷାଧିକ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେଉଁଠି ବିପଦ ସଙ୍କୁଳ କୋଠା ଭଙ୍ଗାଯାଉଚି ତ କେଉଁଠି ଜବରଦଖଲ ଉଚ୍ଛେଦ କରାଯାଇଛି ।

ସାକ୍ଷୀଗୋପାଳ ବସ୍ଷ୍ଟାଣ୍ଡ ଠାରୁ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଉଠା ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ରାସ୍ତା ଅବରୋଧ ହଟାଇବାକୁ ପ୍ରଶାସନିକ ଅଧିକାରୀ, ତହସିଲ୍‌ଦାର, ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍ ଦାର ଓମ୍ ପ୍ରକାଶ ପରିଡା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ରାଜସ୍ୱ ନୀରିକ୍ଷକ ପ୍ରଶାନ୍ତ ଜେନା ସମେତ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଓ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ସିନ୍ଦୁରବାହାଲ ଶିବ ମନ୍ଦିର ପରିସରରେ କାର୍ଯ୍ୟକାରୀ ସଭାପତି ମଧୁ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ସର୍ବ ଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର କର୍ମଚାରୀ ସଂଘ ବଲାଙ୍ଗିର ଶାଖା ବଲାଙ୍ଗିର ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେକ୍ରେଟାରୀ ବୃଷଭ ସା, କୋଷାଧ୍ୟକ୍ଷ ରାହାସ ବିହାରି ଭୋଇ ଏବଂ ସଂଘର କର୍ମକର୍ତ୍ତା ବିଦେଶୀ ସାହୁ, ରମାକାନ୍ତ ପାଣିଗ୍ରାହୀ, ଚମ୍ପେଶ୍ୱର ମିଶ୍ର, ନିଳମଣି ପଟେଲ, ମନୋରଂଞ୍ଜନ ତ୍ରିପାଠି, ଯଜ୍ଞକର ବାରି, ବିପିନ ବିହାରୀ ନେଗି ଓ ପ୍ରେମାଲାଲ ହରପାଲ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ରମାକାନ୍ତ ପାଣିଗ୍ରାହୀଙ୍କ ବିଶେଷ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ 'ମା' ଲକ୍ଷ୍ମୀ କ୍ଲବ୍' ଆନୁକୂଲ୍ୟରେ ୪୫ ତମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି । ଉଦ୍‌ଘାଟନ ଉତ୍ସବରେ ବ୍ଲକ୍ ବିଯୁଜନତା ଦଳର ପୂର୍ବତନ ସଭାପତି ସାଇରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନୀତ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବ୍ଲକ୍ ବିଜୁ ଜନତା ଦଳ ସଭାପତି ପଞ୍ଚାନନ ସ୍ୱାଇଁ, ପୂର୍ବତନ ୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ପୁରୀ ନିମାପଡ଼ା ସମ୍ମିଳିତ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନ ଓ ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିବା ସହ ଗ୍ରାମାଞ୍ଚଳରେ କଳାକୁ ଉଜୀବିତ କରି ରଖିଥିବାରୁ ଅନୁଷ୍ଠାନର ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନଙ୍କ ଦ୍ୱାରା କ୍ଲବ୍‌ର ପ୍ରତିଷ୍ଠାତା ପ୍ରକାଶ କୁମାର ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । କ୍ଲବ୍ ସଭାପତି ତରୁଣ ତପନ କୁମାର ସ୍ୱାଇଁ, ସମ୍ପାଦକ ପବିନ କାଣ୍ଡି, ସାଂସ୍କୃତିକ ସମ୍ପାଦକ ଦେବାଶିସ୍ ବାରିକ୍, ଉପଦେଷ୍ଟା ଚିତ୍ରସେନ ପ୍ରଧାନ, ହରିହର ମହାନ୍ତି ଓ ସମସ୍ତ ସଦସ୍ୟଙ୍କ ଦବି କ୍ରମେ କ୍ଲବର ଉନ୍ନତି କରଣ ପାଇଁ ବିଧାୟକ ଶ୍ରୀ ବେହେରା ବିଧାୟକ ପାଣ୍ଠିରୁ ୧୦ ଲକ୍ଷ୍ୟ ଟଙ୍କା ଅନୁଦାନ ଦେବାପାଇଁ ଘୋଷଣା କରିଥିଲେ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ବାରିକ୍ ସୂଚନା ଦେଇଛନ୍ତି ।

## ସ୍ନାୟୁ ରୋଗ ପିଡୀତ ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା ମିଳିବ କେବେ ?



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାର ଦିବ୍ୟାଙ୍ଗମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା କରି ସହାୟତା ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଥିବାବେଳେ ଏବେ ବି ବହୁ ଦିବ୍ୟାଙ୍ଗ ସରକାରୀ ସହାୟତା ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ହଂସଦିଆ ଗ୍ରାମରେ । ଏହି ଗ୍ରାମର ଅଶୋକ କୁମାର ପଣ୍ଡା (୫୨) ଏବେ ସ୍ନାୟୁ ରୋଗରେ ପିଡିତ ଅଛନ୍ତି । ବର୍ତ୍ତମାନ ସେ ସଠିକ୍ ଭାବେ ଚାଲି ପାରୁନାହାନ୍ତି । କେବଳ ବାଡି ସାହାଯ୍ୟରେ ବହୁ କଷ୍ଟରେ ଗୋଡ ଘୋସାରି ଘୋସାରି ଚଲା ବୁଲା କରୁଛନ୍ତି । ସେ ରାସନ କାର୍ଡ, ଭତା ଓ ଅନ୍ତୋଦୟ ଗୃହ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ସୂଚନା ଥାଉ କି ଅଶୋକ ପୂର୍ବରୁ କଟକ ଓ ଯାଜପୁର ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ କରି ନିଜ ପରିବାର ପ୍ରତିପୋଷଣ କରୁଥିଲା । ପରିବାର କହିଲେ ପତ୍ନୀଙ୍କ ସହ ନାବାଳକ ଝିଅ ଓ ପୁଅ । ଆଜିକୁ ପ୍ରାୟ ୫ ବର୍ଷ ହେବ ସ୍ନାୟୁ ରୋଗରେ ପିଡିତ ହୋଇ ଗୋଡ ଅଚଳ ହୋଇ ଯାଇଥିଲା । ଯାହା ଫଳରେ ସେ ଚଲାବୁଲା କରି ପାରୁନଥିଲା । ବାଧହୋଇ ଶ୍ୱଶୁର ଘର ଟାଙ୍ଗୀ ଅଞ୍ଚଳରେ ରହୁଥିଲା । ଶ୍ୱଶୁର ଅଶୋକଙ୍କୁ ତାଙ୍କ ଘରୁ ୪ ବର୍ଷ ତଳେ ବାହାର କରିଦେବା ପରେ ସେ ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ କୁମୁଡାହାଟ ଠାରେ ଏକ ଚାଳିରେ ବସବାସ କରୁଛନ୍ତି । ସେ ରୋଗରେ ପିଡିତ ଥିବାରୁ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଓ ବଦାନ୍ୟ ବ୍ୟକ୍ତି ଯାହା ଖାଇବାକୁ ଦେଇଥାନ୍ତି ସେତିକି ଖାଇ ଦୁଃଖକଷ୍ଟରେ ଆଜି ପର୍ଯ୍ୟନ୍ତ ବଞ୍ଚି ଆସୁଛନ୍ତି । ଦୁଃଖ ଓ ପରିତାପର ବିଷୟ ଅଶୋକଙ୍କ ପତ୍ନୀଙ୍କ ନାମରେ ପଡି କାର୍ଡଟି ଥିବାରୁ ତାଙ୍କ ପତ୍ନୀ ଏଠାରୁ ଟ୍ରାନ୍ସଫର କରି ଟାଙ୍ଗୀ ବ୍ଲକକୁ ନେଇ ଯାଇଛନ୍ତି । ଯାହା ଫଳରେ ସେ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି । ସେ ସ୍ନାୟୁ ରୋଗରେ ପିଡିତ ହୋଇ ଦିବ୍ୟାଙ୍ଗ ହୋଇଥିଲେ ମଧ ଦିବ୍ୟାଙ୍ଗ ପ୍ରମାଣପତ୍ର ନିମନ୍ତେ ଆବେଦନ କରିଥିଲେ ମଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେଉଁ ପ୍ରମାଣପତ୍ରଟି ମିଳିଛି ତାହା ମାତ୍ର ୩୫ ଶତକଡା । ଯାହା ଦ୍ୱାରା ସେ ଭତା ପାଇବାରୁ ବଞ୍ଚିତ ହୋଇଛନ୍ତି । ତାଙ୍କ ପାଇଁ ଅନ୍ତୋଦୟ ଗୃହ ସାତସପନ । ତେଣୁ ଅଶୋକ ସରକାରଙ୍କ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାର ସହାୟତା ଯୋଗାଇ ଦେବା ନିମନ୍ତେ ସେ ଆକୁଳ ନିବେଦନ କରିଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା ଘର

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ଚନ୍ଦନପୁର ଗ୍ରାମର ଶଶଧର ନାୟକଙ୍କ ଘରେ ଶୁକ୍ରବାର ସକାଳେ ନିଆଁ ଲାଗି ତାଙ୍କ ବାସଗୃହ ଓ ଗୁହାଳ ଜଳିପୋଡି ପାଉଁଶ ହୋଇଯାଇଛି । ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚିଲା ବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘରେ ଥିବା ସମସ୍ତ ଜିନିଷ ପୋଡି ଧ୍ୱଂସ ହୋଇଯାଇଥିଲା । ସକାଳେ ଗୁହାଳରେ ଗୋରୁ ନଥିବାରୁ ଏକ ବଡ଼ ଅଘଟଣାରୁ ରକ୍ଷା ମିଳିଛି । ଖବର ପାଇ ତହସିଲଦାର ଯୀଶୁକ୍ରିଷ୍ଟ ଦାସଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକ ପ୍ରଦ୍ୟୁମ୍ନ କେଶରୀ ବେହେରା ବିପତ୍ତି ପରିବାରକୁ ପଲିଥିନ ପାଲ ଯୋଗାଇ ଦେଇଛନ୍ତି । ଉକ୍ତ ପରିବାରକୁ ସରକାରୀ ଓ ବେସରକାରୀ ସହାୟତା ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିଅନ୍ତା: ଏକ୍ସପ୍ରେସ ନ୍ୟୁଜ୍**

ବାଲିଅନ୍ତା ଥାନା ସରକଣା ପଞ୍ଚାୟତ ଛନ୍ଦୋଳ ଗ୍ରାମ ନିକଟରେ ଶନିବାର ଅପରାହ୍ନ ୪ଟା ସମୟରେ ଏଲଟି ଲାଇନ ବିଦ୍ୟୁତ ତାର ଟାଣୁଥିବା ବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଉଠାରି ନୂଆଗାଁର ସିଂହରାୟ ମୁର୍ମୁ । ସିଂହରାୟ ଏକ ବିଦ୍ୟୁତ ଠିକାସଂସ୍ଥାରେ ଦୀର୍ଘବର୍ଷ ହେବ କାର୍ଯ୍ୟରତ ଥିଲେ । ଶୁକ୍ରବାର ଅପରାହ୍ନରେ ଛନ୍ଦୋଳ ଅଞ୍ଚଳରେ ଠିକାସଂସ୍ଥାରେ ତାର ଟାଣୁ ଥିଲେ । ସିଂହରାୟ ଖୁଣ୍ଟ ତଳେ ରହି ମୁକୁଳା ବିଦ୍ୟୁତ ତାର ହାତରେ ଧରିଥିବା ବେଳେ ମାଟିରେ ଲୋଟିପଡ଼ିଥିଲେ । ଗୁରୁତର ଅବସ୍ଥାରେ ସିଂହରାୟଙ୍କୁ ସହକର୍ମୀ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ସିଂହରାୟଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ତାଙ୍କର ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇନି । ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସିଂହରାୟଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି । ଅନ୍ୟପକ୍ଷରେ ଠିକାସଂସ୍ଥା ବାତ ମାରିବାରୁ ସିଂହରାୟଙ୍କ ମୃତ୍ୟୁ ହୋଇଯାଇଥିବା କହିଛି । ବାଲିଅନ୍ତା ଥାନାରେ ୨୩/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ମୁନାଫା ନେଉଛି ଠିକାଦାର ଦୁର୍ଦ୍ଦଶା ଭୋଗୁଛନ୍ତି ଦୁଇ ପଞ୍ଚାୟତବାସୀ



**ମାର୍ଶାଘାଇ: ଏକ୍ସପ୍ରେସ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ମଣିକୁଣ୍ଡା ଓ ହିନ୍ଦୁଳିଆ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାଟି ମାତ୍ର ଏକ କିଲୋ ମିଟର ହେବ ଯାହାକି ସେଠାରେ ନର୍ମାଣ ହେଉଥିବା ପାନୀୟ ଜଳ ପ୍ରୋଜେକ୍ଟ ପାଇଁ ବିପର୍ଯ୍ୟସ୍ତ ହୋଇପଡିଛି । ବାରମ୍ବାର ଭାରିଜାନ ଚଳାଚଳ ପାଇଁ ରସ୍ତାକୁ ବିପତ୍ତି ମାଡିଆସୁଛି ୫ବର୍ଷଅହେବ ରାସ୍ତା ଦୁର୍ଦ୍ଦଶା ଦେଖାଦେଛି । ଏହି ରାସ୍ତା ଉପରେ ଦୁଇଟି ପଞ୍ଚାୟତର ପ୍ରାୟ ୫ ହଜାର ଜନସାଧାରଣ ସ୍କୁଲ କଲେଜ, ବଜାର ସମେତ ରାଜପଥ ଉପରେ ନିର୍ଭର କରି ବିଭିନ୍ନ ସ୍ଥାନକୁ ଯାଇଥାନ୍ତି । ଗ୍ରାମବାସୀମାନେ ଠିକାଦାରଙ୍କୁ ବାରମ୍ବାର ଗୁହାରି କରୁଥିଲେ ମଧ ଠିକାଦାର କର୍ଣ୍ଣପାତ କରୁନାହିଁ । ଆଜି ଗ୍ରାମର ଶତାଧିକ ଲୋକ ରାସ୍ତା ମରାମତି ପାଇଁ ପ୍ରତିବାଦ କରିଛନ୍ତି । ତୁରନ୍ତ ପ୍ରତିକାର ନହେଲେ ଆଗକୁ ଆନ୍ଦୋଳନ ତିବ୍ରତର ହେବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି ।

### ବାଣିଜ୍ୟ

## ଟ୍ରକ ଆମଦାନୀ ଉପରେ ଲଗାଇଲେ ୨୫% ଶୁଳ୍କ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଏକାଧିକ ଆମଦାନୀ ସାମଗ୍ରୀ ଓ ଔଷଧ ଆଦି ଉପରେ ଟାରିଫ ଲଗାଇଥିବା ପରେ ଏବେ ଟ୍ରକ୍ ଓ ଏହାର ପାର୍ଟ୍ସ ଆମଦାନୀ ଉପରେ ବି ଟାରିଫ ଲଗାଇଛନ୍ତି ଟାରିଫ କିଂ ଡୋନାଲ୍ଡ ଟ୍ରମ୍ପ । ଆମେରିକାକୁ ଆମଦାନୀ ହେଉଥିବା ସମସ୍ତ ମିଡିୟମ ଓ ହେଭି ଡ୍ୟୁଟି ଟ୍ରକ ଉପରେ ୨୫ ଶୁଳ୍କ ଲାଗୁ କରାଯିବ । ଶୁକ୍ରବାର ଏହି ନିର୍ଦ୍ଦେଶନାମାରେ ଦସ୍ତଖତ କରିଛନ୍ତି ଆମେରିକା ରାଷ୍ଟ୍ରପତି । ଫଳରେ ଏହି ନୂଆ ଶୁଳ୍କ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଯିବ ।

ଘରୋଇ ଉତ୍ପାଦନକୁ ବୃଦ୍ଧି କରିବା ଏବଂ ଆମଦାନୀ ଖର୍ଚ୍ଚ ପୂରଣ କରିବା ପାଇଁ ଆମେରିକୀୟ ଅଟୋ ଏବଂ ଇଞ୍ଜିନ ଉତ୍ପାଦନ ପାଇଁ ୩.୭୫ ପ୍ରତିଶତ କ୍ରେଡିଟ୍ ବୃଦ୍ଧି କରାଯାଇଛି । ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହି ଶୁଳ୍କ ଲାଗୁ କରାଯାଉଛି ବୋଲି ନୂଆ ନିର୍ଦ୍ଦେଶନାମାରେ କୁହାଯାଇଛି । ଅଧିକରୁ ଅଧିକ ଅଟୋ ଉତ୍ପାଦନକୁ ଯୁକ୍ତରାଷ୍ଟ୍ରକୁ ସ୍ଥାନାନ୍ତରିତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଆମେରିକା କହିଛି ।

ତେବେ ଆମେରିକାର ଏହି ନିଷ୍ପତ୍ତି ମେକ୍ସିକୋ ପାଇଁ ଏକ ବଡ ଆଘାତ ହୋଇପାରେ । କାରଣ ଏହି ଦେଶ ଆମେରିକାକୁ ସର୍ବାଧିକ ମଧ୍ୟମ ଏବଂ ହେବି ଡ୍ୟୁଟି ଟ୍ରକର ରପ୍ତାନି କରେ । କେବଳ ସେତିକି ନୁହେଁ, ବସ୍ ଉପରେ ବି ୧୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଚିନ୍ତା କରୁଛି ଆମେରିକା ।

ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଟୋମେକରମାନେ ୨୦୩୦ ପର୍ଯ୍ୟନ୍ତ ଆମେରିକାର ଆସେମ୍ବଲ୍ଡ ଯାନଗୁଡିକ ପାଇଁ ସୁପାରିଶ କରାଯାଇଥିବା ଖୁଚୁରା ମୂଲ୍ୟର ୩.୭୫ ପ୍ରତିଶତ ସମାନ କ୍ରେଡିଟ୍ ପାଇବାକୁ ଯୋଗ୍ୟ ହେବ । ଯାହାଦ୍ୱାରା ପାର୍ଟସ ଉପରେ ଆମଦାନୀ ଶୁଳ୍କର ଭରଣା ହୋଇପାରିବ । ଆମେରିକା ସରକାର ଇଞ୍ଜିନ ଉତ୍ପାଦନ ଏବଂ ଆମେରିକାର ମଧ୍ୟମ ଏବଂ ଭାରୀ-ଡ୍ୟୁଟି ଟ୍ରକ୍ ଉତ୍ପାଦନ ପାଇଁ ୩.୭୫ ପ୍ରତିଶତ କ୍ରେଡିଟ୍ ବୃଦ୍ଧି କରୁଛନ୍ତି ।

ନୂଆ ଶୁଳ୍କ ସମସ୍ତ କ୍ଲାସ୍- ୩ ଓ କ୍ଲାସ -୮ ଟ୍ରକକୁ କଭର୍ କରିବ । ଯେଉଁଥିରେ ବଡ଼ ପିକ୍-ଅପ୍ ଟ୍ରକ୍, ମୁଭିଂ ଟ୍ରକ୍, କାର୍ଗ ଟ୍ରକ୍, ଡମ୍ପ ଟ୍ରକ୍ ଏବଂ ୧୮ ଚକିଆ ଯାନ ପାଇଁ ଟ୍ରାକ୍ଟର ଅନ୍ତର୍ଭୁକ୍ତ ରହିଛି ।

ଆମେରିକା ଚାମ୍ବର ଅଫ୍ କମର୍ସ ପୂର୍ବରୁ ଟ୍ରମ୍ପଙ୍କୁ ନୂଆ ଟ୍ରକ୍ ଶୁଳ୍କ ଲାଗୁ ନକରିବାକୁ ଅନୁରୋଧ କରିଥିଲା । କାରଣ ଆମେରିକାର ପ୍ରମୁଖ ପାଞ୍ଚ ଆମଦାନୀ ଉତ୍ସ ହେଉଛି ମେକ୍ସିକୋ, କାନାଡା, ଜାପାନ, ଜର୍ମାନୀ ଏବଂ ଫିନଲ୍ୟାଣ୍ଡ । ଏମାନେ ସମସ୍ତେ ଆମେରିକାର ସହଯୋଗୀ କିମ୍ବା ନିକଟତର ଅଂଶୀଦାର ଏବଂ ଆମେରିକାର ଜାତୀୟ ସୁରକ୍ଷା ପ୍ରତି କୌଣସି ବିପଦ ସୃଷ୍ଟି କରନ୍ତି ନାହିଁ । ତେଣୁ ଏଗୁଡିକ ଉପରେ ଶୁଳ୍କ ନ ଲଦିବାକୁ କହିଥିଲା । ଟ୍ରମ୍ପ ଏକଥାକୁ ଭୃକ୍ଷେପ ନ କରି ୨୫% ଶୁଳ୍କ ଲଗାଇଛନ୍ତି ।


## ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରେ ଜାତୀୟ ଆଲୋଚନାଚକ୍ର

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରେ ଉଭିଦବିଜ୍ଞାନ, ଭୂତତ୍ତ୍ୱବିଜ୍ଞାନ ଓ ପ୍ରାଣୀବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଜୈବ ବିବିଧତା ପାଇଁ ଆଣବିକ ଓ ଭୂତାତ୍ତ୍ୱିକ ଚିନ୍ତାଧାରା ଶୀର୍ଷକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଦିବସରେ ପୌରୋହିତ୍ୟ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ.ଲଳିତ ରଂଜନ ସାହୁ । ପ୍ରଥମ ଦିବସର ପ୍ରଥମ ଅଧିବେଶନରେ ପ୍ରଫେସର ଚିତ୍ତ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଯୋଗଦେଇ ଜଙ୍ଗଲର ରକ୍ଷଣାବେକ୍ଷଣ ଓ ଉଭିଦର ସଂରକ୍ଷଣର ଆବଶ୍ୟକତା ରହିଛି ବୋଲି ଆଲୋଚନା ରଖିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ପଦ୍ମଜା ଗୁଡିପାଲି ଓ ପ୍ରଫେସର ଶିବପ୍ରସାଦ ପରିଡା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିବିଧ ପରିବେଶର ସନ୍ତୁଳନ, ବିଲୋପ ହେଇଯାଉଥିବା ଉଭିଦର ସଂରକ୍ଷଣ ତଥା ଜୈବ ବିବିଧତା ପାଇଁ ସୁରକ୍ଷା ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲୋଚନା ଗୁଡିକୁ ସମୀକ୍ଷା କରିଥିଲେ ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ବନବିହାରୀ ମିଶ୍ର । ଆଲୋଚନାଚକ୍ରର ପ୍ରମୁଖ ଭାଷଣ ପାଠ କରିଥିଲେ ପ୍ରଫେସର ରାକେଶ କୁମାର ସିଂ । ଦ୍ୱିତୀୟ ଅଧିବେଶନରେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି ଓ ଡ.ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପଦ୍ମଜା ଗୁଡିପାଲି, ପ୍ରଫେସର ଶିବପ୍ରସାଦ ପରିଡା ଓ ସରୋଜ କୁମାର ପୁଜାରୀ ନିଜ ନିଜର ପ୍ରବନ୍ଧ ପାଠ କରିଥିଲେ । ବିରତି ପରେ ପ୍ରଫେସର ପଦ୍ମଜା ଗୁଡିପାଲି ଓ ଡ. ବିଷ୍ଣୁ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଡ.ଦେବାଶିଷ ମହାପାତ୍ର, ଡ. ଅରୁଣ ରୟ ଓ ଏକଲବ୍ୟ ବାରିକ୍ ପ୍ରବନ୍ଧ ପାଠ କରିଥିଲେ । ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ପ୍ରଫେସର ଶିବପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀମାନେ ପ୍ରବନ୍ଧ ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ପ୍ରଫେସର ରାକେଶ କୁମାର ସିଂ ଓ ପ୍ରଫେସର ପ୍ରଭୁ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅଧ୍ୟାପିକା ଡ. ସୁଚିସ୍ମିତା ପଟ୍ଟନାୟକ, ଅଧ୍ୟାପକ ଶିବପ୍ରସାଦ ମହାନ୍ତି, ଅଧ୍ୟାପକ ସୁରେଶ ଚନ୍ଦ୍ର ଜେନା ଓ ଅଧ୍ୟାପକ ରଜତ କୁମାର ପାଢ଼ୀ ପ୍ରବନ୍ଧ ପାଠ କରିଥିଲେ । ଦ୍ୱିତୀୟ ଦିବସର ଉଦ୍ ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସାହୁ ଅଧ୍ୟକ୍ଷତା କରିଥିଲେ । ସମାରୋହରେ ଉପସ୍ଥିତ ଥିଲେ ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ପୃଷ୍ଟି, ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ବିଭୁପ୍ରସାଦ ଦାସ ଓ ଡ. ସୁଚିସ୍ମିତା ପଟ୍ଟନାୟକ । ଆଲୋଚନାଚକ୍ରରେ ଏଭଳି ବିଷୟକ ଶୀର୍ଷକ ବର୍ତ୍ତମାନର ପରିସ୍ଥିତିରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉପାଦେୟତା ଓ ସମାଜ କ୍ଷେତ୍ରରେ ଏହାର ଆବଶ୍ୟକତାକୁ ଉପଲବ୍ଧି କରାଯାଇପାରେ ବୋଲି ସମ୍ମାନିତ ଅତିଥିଗଣ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଆଲ୍ପା ସରିତା ମହାନ୍ତି ।



### ସିନେମାଫିନେମା ଟିଭିଫିବି



## ଅପ୍‌କମିଙ୍ଗ୍ ଫିଲ୍ମ 'ଜଟାଧାରା'ର ଟ୍ରେଲର୍ ଆଉଟ୍

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଶୁକ୍ରବାର ରିଲିଜ୍ ହୋଇଛି ଅପ୍‌କମିଙ୍ଗ୍ ଫିଲ୍ମ 'ଜଟାଧାରା'ର ଟ୍ରେଲର୍ । ତେଲୁଗୁ ଷ୍ଟାର୍ ମହେଶ ବାବୁ ଡିଜିଟାଲି ଟ୍ରେଲର୍ ଲଞ୍ଚ୍ କରିଛନ୍ତି । ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ସୁପରନ୍ୟାଚୁରାଲ ଥ୍ରିଲର୍‌ରେ ମୁଖ୍ୟ ଭୂମିକାରେ ଅଛନ୍ତି ସୋନାକ୍ଷୀ ସିହ୍ନା । ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସୁଧୀର ବାବୁ । ଦିବ୍ୟା ଖୋସଲା ଓ ଶିଳ୍ପା ଶିରୋଦକର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଟ୍ରେଲର୍ ଦର୍ଶକଙ୍କୁ ଏକ ଅନ୍ଧକାରାଚ୍ଛନ୍ନ ଦୁନିଆ ସହ ପରିଚୟ କରାଇଛି । ଫିଲ୍ମର କାହାଣୀ ଭାରତୀୟ ଲୋକକଥା ଓ ଅଲୌକିକ ତତ୍ତ୍ୱ ଉପରେ ପର୍ଯ୍ୟବସିତ ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି । ଏଥିରେ ଦର୍ଶକଙ୍କୁ ଏଭଳି ଏକ କାହାଣୀର ଝଲକ୍ ଦେଖିବାକୁ ମିଳିଛି, ଯେଉଁଠି କଳାଯାଦୁ ଏକ ଶକ୍ତିଶାଳୀ ଶକ୍ତି ଏବଂ ପ୍ରାଚୀନ କାହାଣୀ ଭାଗ୍ୟକୁ ନୂଆ ମୋଡ ଦିଏ । ଫିଲ୍ମର କାହାଣୀ ଜଣେ ପିଶାଚିନୀ ଉପରେ ପର୍ଯ୍ୟବସିତ, ଯେଉଁ ଭୂମିକାରେ ଅଭିନୟ କରିଛନ୍ତି ସୋନାକ୍ଷୀ । ଦୀର୍ଘ ଶତାବ୍ଦୀ ଧରି ସେ ଏକ ସୁନା ଭଣ୍ଡାରକୁ ଜଗିଛନ୍ତି । କାହାଣୀ ଆଗକୁ ବଢିବା ସହିତ ଭଣ୍ଡାର ଅନ୍ୱେଷଣର ଯାତ୍ରା ବିପଦପୂର୍ଣ୍ଣ ହୋଇଛି ଏବଂ ଅଭିଶାପ ଓ ପ୍ରତିଶୋଧ ପରାୟଣ ଆତ୍ମାମାନେ ଫେରିଆସିଛନ୍ତି । ସୋନାକ୍ଷୀ ଅଲୌକିକ ଶକ୍ତି ଧାରଣ କରିଥିବା ଜଣେ ଖଳନାୟିକା ଭୂମିକାରେ ଅଭିନୟ କରିଛନ୍ତି । ଏହା ତାଙ୍କର ପ୍ରଥମ ଓ ସମ୍ପୂର୍ଣ୍ଣ ନୂଆ ଲୁକ୍ । ଅଲୌକିକ ଶକ୍ତି ଓ ମାନବ ଅଭିଳାଷ ମଧ୍ୟରେ ଥିବା ପରସ୍ପର ସମ୍ପର୍କର କଥାବସ୍ତୁ ଉପରେ ତାଙ୍କ ଚରିତ୍ର କେନ୍ଦ୍ରିତ ହୋଇଛି । ଫିଲ୍ମଟି ଉଭୟ ହିନ୍ଦୀ ଓ ତେଲୁଗୁ ଭାଷାରେ ଆସନ୍ତା ନଭେମ୍ବର ୭ରେ ମୁକ୍ତିଲାଭ କରିବ । 'ଜଟାଧାରା'ର କାହାଣୀ ଅକାଂକ୍ଷା, ଲୋଭ ଓ ପ୍ରାଚୀନ ରୀତିନୀତିର ସ୍ଥାୟୀ ପ୍ରଭାବକୁ ପରଦାକୁ ଆଣିବ ।

# ଆଜିର ରାଶିଫଳ

| ତାରିଖ | |
|---|---|
| ୧୯.୧୦.୨୦୨୫ | ରବିବାର– ତ୍ରୟୋଦଶୀ<br>ନକ୍ଷତ୍ର– ଉତ୍ତରଫାଃ, କନ୍ୟାଚନ୍ଦ୍ର |

| | |
|---|---|
| ମେଷ | : ଭଲ କାମ କରି ଖୁସି ପାଇବେ । |
| ବୃଷ | : ଅପ୍ରୀତିକର ଘଟଣା ଘଟିବ । |
| ମିଥୁନ | : ଗୁରୁଜନେ ବିରୋଧୀ ହେବେ । |
| କର୍କଟ | : ବକେୟା ପଡ଼ିଥିବା ଅର୍ଥ ପାଇ ଖୁସି ହେବେ । |
| ସିଂହ | : ଶ୍ୱାସଜନିକ କଷ୍ଟ ପାଇବେ । |
| କନ୍ୟା | : ଭଲ କାମ କରି ପ୍ରଶଂସିତ ହେବେ । |
| ତୁଳା | : ଶତ୍ରୁ ବୃଦ୍ଧି ପାଇବେ । |
| ବିଛା | : ଅଶାନ୍ତି ଦୂର ହେବ । |
| ଧନୁ | : ଯାତ୍ରା ସଫଳ ହେବେ । |
| ମକର | : ପିତୃକଷ୍ଟ ଦୂର ହେବ । |
| କୁମ୍ଭ | : ଶ୍ୱାସ ପ୍ରତି ଯତ୍ନବାନ ହେବେ । |
| ମୀନ | : ପଦବୀ ଲାଭ ହେବ । |

# ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର

**୧୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ ବନମାଳୀପୁର ପଞ୍ଚାୟତସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ପଞ୍ଚାୟତବାସୀ ବାରମ୍ବାର ଗ୍ରାମ୍ୟଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳିନଥିଲା । ତେବେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଖଣ୍ଡପଡ଼ା ଅଞ୍ଚଳକୁ ଗସ୍ତରେ ଆସି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ଅବସରରେ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ ।



ଖବରପାଇ ସ୍ଥାନୀୟ ବାସିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟିବା ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଗ୍ରାମ୍ୟଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟ ପ୍ରତି ଆଖି ବୁଜି ଦେଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଉଠାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେଛପରେ ଜିଲ୍ଲାପାଳ ନିର୍ମାଣଧୀନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ତେବେ ଏ ସଂପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

ପ୍ରକାଶଥାଉକି ୧ କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟଉନ୍ନୟନ ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟ ଗତ ୨ ବର୍ଷ ତଳୁ ଆରମ୍ଭ ହୋଇଥିଲେ ହେଁ ଅଦ୍ୟାବଧି ସ୍ୱାସ୍ଥ୍ୟକେନ୍ଦ୍ରର ୧୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି । ଗ୍ରାମ୍ୟଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାର ସୁଯୋଗ ନେଇ ଠିକାଦାର ଯେଉଁ ଭଳି ଢଙ୍ଗରେ କାର୍ଯ୍ୟ କରୁଛି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ସେ ନେଇ ଅନିଶ୍ଚିତତା ଦେଖାଦେଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣରେ ହେଉଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗ୍ରାମ୍ୟଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ବନମାଳୀପୁର ପଞ୍ଚାୟତବାସୀ ଦାବି କରିଛନ୍ତି । ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶୁସାନ୍ତ କୁମାର ଦାଶ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଗଣ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ ।

# ଅଜଣା ଟ୍ରକ୍ ଧକ୍କାରେ ୪ମୃତ

**କାମାକ୍ଷାନଗର, ୧୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ୫୩ ନମ୍ବର ଜାତୀୟ ରାଜପଥର ବାଇସିଙ୍ଗା ପଞ୍ଚାୟତର ମାଳପୁରା ଠାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଛି । ଆନନ୍ଦପୁର ଅଞ୍ଚଳର ଭାବଗ୍ରାହୀ କାରୁଆ ତାଙ୍କ ପତ୍ନୀ ଜାନକୀ ଝିଆରୀ ନାଣ୍ଡି, ଝିଅ ଗୀତାଞ୍ଜଳିକୁ ଏକ ବାଇକ ଯୋଗେ କାମାକ୍ଷାନଗର ଆସୁଥିଲେ । ମାଳପୂରା ନିକଟସ୍ଥ ଜାତୀୟ ରାଜପଥ ଓଭରବ୍ରିଜରେ ଏକ ଟ୍ରକ ବାଇକକୁ ଧକ୍କା ଦେଇଥିଲା । ଟ୍ରକଟି ଏଭଳି ଧକ୍କା



ଦେଇଥିଲା ଯେ ବାଇକକୁ ଖଣ୍ଡେ ଦୂର ପର୍ଯ୍ୟନ୍ତ ଘୋଷାରି ନେଇଥିଲା । ଫଳରେ ଘଟଣା ସ୍ଥଳରେ ଭାବଗ୍ରାହୀଙ୍କ ସମେତ ଝିଆରି ନାଣ୍ଡି ଓ ଝିଅର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଜାନକୀଙ୍କ ମୃତ୍ୟୁ ହୋଇଥିଲା ।

ଖବର ପାଇ ପରିବାର ଲୋକ କାମାକ୍ଷାନଗର ମେଡିକାଲରେ ପହଞ୍ଚିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ମୃତଦେହକୁ ଜବତ କରି ବ୍ୟବଛେଦର ବ୍ୟବସ୍ଥା କରି ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ଘଟାଇ ଥିବା ଟ୍ରକର କୌଣସି ସନ୍ଧାନ ମିଳିପାରି ନାହିଁ । ଦ୍ରୁତଗତିରେ ଟ୍ରକଟି ଆସୁଥିବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବହୁ ଜନସମାବେଶ ଘଟିଥିବା ବେଳେ ଏକ ଶୋକାକୁଳ ପରିସ୍ଥିତ ସୃଷ୍ଟି ହୋଇଥିଲା । ଗୋଟିଏ ପରିବାରର ୩ ଜଣଙ୍କ ଜିବନ ଦିପ ଲିଭିଯାଇଛି । ହସଖୁସିରେ ପରିବାର ସମସ୍ତେ କାମାକ୍ଷାନଗର ଆସୁଥିବା ବେଳେ ଅଧାବାଟରେ ଏଭଳି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ।

# କାମରେ ଆସୁନି ସୋର ଥାନା ମହିଳା ଓ ଶିଶୁ ଡେସ୍କ

**ସୋର, ୧୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ସମସ୍ୟା ନେଇ ଥାନାକୁ ଆସୁଥିବା ମହିଳା ଓ ଶିଶୁମାନେ ମାନସିକ ଓ ଶାରୀରିକ ସ୍ତରରେ ସୁଦୃ ଓ ଭୟବିତ ନହୋଇ ସୁରକ୍ଷିତ ଭାବେ ଅପେକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତି ଥାନାରେ ମହିଳା ଓ ଶିଶୁ ଡେସ୍କ ଖୋଲାଯାଇଛି । ଯେଉଁଥିରେ ଶିଶୁମାନେ ଖେଳିବା ପାଇଁ ଖେଳ ଉପକରଣ ଓ ମହିଳାମାନେ ବସିବା ପାଇଁ ବ୍ୟପକ ସୁବିଧା କରାଯାଇଛି । ଯାହାକୁ ପୂର୍ବ ସରକାର ୨୦୧୫ ମସିହାରେ ଉଦଘାଟନ କରିଥିଲେ । କେତେକ ଥାନାରେ ଏହି ଡେସ୍କ ଉତ୍ତମ ଭାବେ କାର୍ଯ୍ୟକାରୀ ଥିବାବେଳେ ଅନେକ ଥାନାରେ ଏହା କାମକରୁନଥିବା ଜଣାପଡିଛି । ଯାହା ସୋର ଥାନାରେ ଦେଖିବାକୁ ମିଳିଛି ।



ପୂର୍ବରୁ ଥାନାଧିକାରୀମାନେ ଏହି ଡେସ୍କକୁ କାର୍ଯ୍ୟକ୍ଷମ ରଖିଥିବା ବେଳେ ବର୍ତ୍ତମାନର ଥାନାଧିକାରୀ ଏହାର ଯାତାୟାତ ରାସ୍ତାକୁ ଜବତ ବାଲି ଓ ପଥରରେ ଜାମ କରି ରଖିଛନ୍ତି । ଏଥି ସହିତ ଶିଶୁ ମାନଙ୍କ ଖେଳିବା ପାଇଁ ଥିବା ସାମଗ୍ରୀ ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ଏହାକୁ ଦୀର୍ଘ ଦିନ ମରାମତି କରାଯାଉନଥିବା ଦେଖିବାକୁ ମିଳିଛି । ଗତ କିଛି ଦିନ ତଳେ ଜଣେ ମହିଳା ପାରିବାରିକ କଳହରୁ ଶାଶୁ ଘରେ ଲୋକେ କିରୋସିନ ଢାଳି ମାରିବାକୁ ଉଦ୍ୟମ କରିଥିବା ବେଳେ ସେ ସୋର ଥାନାକୁ ଅଭିଯୋଗ ପାଇଁ ଆସିଥିଲେ । ମାତ୍ର ଦୀର୍ଘ ସମୟ ପରେ ତାଙ୍କର ଅଭିଯୋଗକୁ ଗ୍ରହଣ କରାଯାଇଥିବା ବେଳେ ତାଙ୍କୁ ବାହାରେ ବସିବାକୁ ଦିଆଯାଇଥିଲା । କେଉଁ କାରଣରୁ ମହିଳାଙ୍କୁ ଉକ୍ତ ଡେସ୍କରେ ବସାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଭଳି ଘଟଣା ପ୍ରାୟ ପ୍ରତିଦିନ ସୋର ଥାନାରେ ଦେଖିବାକୁ ମିଳୁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଉକ୍ତ ଡେସ୍କକୁ ମରାମତି କରାଯିବ ସହିତ ଲୋକମାନଙ୍କ ଉଦେଶ୍ୟରେ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି ।

# ୪୨ କେଜି ଗଞ୍ଜେଇ ଜବତ : ୩ ଗିରଫ

**କନ୍ଧମାଳ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ପୋଲିସକୁ ଆଉ ଏକ ସଫଳତା ମିଳିଛି । ଗଞ୍ଜେଇ ଚୋରାଚାଲାଣ ବେଳେ ତୁମୁଡିବନ୍ଧ ପୋଲିସ କୌଣସି ସୂତ୍ରରୁ ଖବରପାଇ ଗଞ୍ଜେଇ ଓ ଗାଡିକୁ ଧରିବା ପାଇଁ ଅଙ୍କିଥିଲା ରୋଡ଼ ବ୍ଲକ ମ୍ୟାପ । ଏକାଧିକ ସ୍ଥାନରେ ରୋଡ଼ ବ୍ଲକ କରାଯାଇଥିଲା । ପ୍ରାୟ ୩ ଘଣ୍ଟାର ଅପରେଶନ ପରେ ୩ ଅଭିଯୁକ୍ତ, ଗଞ୍ଜେଇ ଏବଂ ଦୁଇଟି କାର ଗୋଟିଏ ପଲସ୍ର ବାଇକ୍କୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଜଣେ ଫେରାର ହୋଇଛନ୍ତି । ଏହି ଘଟଣା ଶୁକ୍ରବାର ସାାରେ ଘଟିଛି ।

ସୂଚନାପ୍ରକାରେ, ତୁମୁଡିବନ୍ଧ ଥାନା କର୍ତ୍ତମଗଡ଼ ପାଞ୍ଚାୟତଠାରୁ ରାୟଗଡ଼ା ଜିଲା ଚାଲାଣ ହେଉଥିଲା ଗଞ୍ଜେଇ । ଏକ ଡଷ୍ଟର କର ଓଡି–୦୯ଇ ୨୭୨୯, ଆଉ ଏକ କାର ଓଆର–୦୨ବିଏକ୍ସ ୭୪୯୬ ଓ ଏକ ପଲସର ବାଇକ ଓଡି–୧୨ଏଫ ୯୬୩୭ ନମ୍ବର ଗାଡ଼ି ରେ ୪୨ କିଲୋ ଗଞ୍ଜେଇ ନେଇ ପାଞ୍ଚ ଜଣ ବାହାରି ଥିଲେ କୁର୍ତ୍ତୁମ ଗଡ଼ କନ୍ଧମାଳ ଜିଲାର ବାଲିଗୁଡା ଥାନା ମରାଉଡିଙ୍ଗ ଗ୍ରାମର ସିଦ୍ଧାନ୍ତ ଦିଗଲ ଓ କୁର୍ତ୍ତୁମ ଗଡ଼ ଗ୍ରାମର ଆମ୍ବୁଜ ମାଲିକ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ, ରାୟଗଡ଼ା ଜିଲା ବିଷମ କଟକ ଥାନା ବଡ୍ଡୁହାଡ଼ ଗ୍ରାମର ଲିଲୁ କୌଶଲ୍ୟା ଓ ସ୍ଲାଖ ବନ୍ଧ ଗ୍ରାମର ଅମିତ ବାତ୍ରା ମିଶି ରାୟଗଡା ଜିଲାକୁ ଗଞ୍ଜେଇ ଚାଲାଣ କରୁଥିଲେ ।

# ୧୦ ନକ୍ସଲଙ୍କ ମୁଣ୍ଡ ପାଇଁ ୪.୩୦ କୋଟି

**ବୌଦ୍ଧ, ୧୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ମାଓ ପ୍ରଭାବିତ ବୌଦ୍ଧ ଜିଲାରେ ମାଓବାଦୀ ଧରପଗଡ଼ ଅଭିଯାନ ନେଇ ପୁଲିସ କିଛି ସନ୍ଦିଗ୍ଧ ମାଓବାଦୀଙ୍କ ଫଟୋ ଓ ତଥ୍ୟ ଜାରି କରିଛି । ମାଓପ୍ରବଣ ମନମୁଣ୍ଡା ଥାନାର ବିଭିନ୍ନ ଅଞ୍ଚଳରେ ପୋଷ୍ଟର ଲଗାଯାଇଛି । ସଂପୃକ୍ତ ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ପ୍ରଦାନ କରାଯିବ ବୋଲି ପୁଲିସ ଘୋଷଣା କରିଛି । କଳାହାଣ୍ଡି–କନ୍ଧମାଳ–ବୌଦ୍ଧ–ନୟାଗଡ଼କୁ ନେଇ ଗଠିତ (କେକେବିଏନ୍) ସଂଗଠନର ମୋଟ ୧୦ ମାଓବାଦୀଙ୍କ ପାଇଁ ୪ କୋଟି ୩୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି । ଜନସାଧାରଣ ସେମାନଙ୍କ ସମ୍ପର୍କରେ ପୁଲିସକୁ ସୂଚନା ଦେଲେ ସେମାନଙ୍କ ପରିଚୟ ଗୋପନ ରଖାଯିବ ବୋଲି ମଧ୍ୟ ଏଥିରେ ଉଲ୍ଲେଖ ରହିଛି । ବୌଦ୍ଧ ଜିଲା ମନମୁଣ୍ଡା ଥାନାଞ୍ଚଳର ଖଣ୍ଡିକନପା, ନଳିକୁମ୍ପା, ଲୁହୁରାପଡ଼ା, ସିଗାଡ଼ି, ମାତାଗାଡ୍ଡୁ, ଭଡ଼ାମୁଣ୍ଡ, ତିଳପଙ୍ଗାରେ ପୋଷ୍ଟରସବୁ ଲଗାଯାଇଛି । ସେହିପରି ସାମାଜିକ ଗଣମାଧ୍ୟମରେ ମଧ୍ୟ ଭିଡିଓ ଜାରି କରାଯାଇଛି । ମାଓ ସଂଗଠନ ଛାଡ଼ି ଆତ୍ମସମର୍ପଣ କରିବା ସହ ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବାକୁ ପୁଲିସ ଆହ୍ୱାନ ଦେଇଛି । ମନମୁଣ୍ଡା ଥାନା ଅନ୍ତର୍ଗତ ଉପାନ୍ତ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ ସହ ମାଓବାଦୀଙ୍କ ଚରାଭୂଇଁ ପାଲଟିଛି ।

# ପ୍ରଶାସନ ଭାଙ୍ଗିଲା ସରସଦା ସମିତି ତାଲା

**ଭଦ୍ରକ, ୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିରେ ପକାଯାଇଥିବା ତାଲାକୁ ଶୁକ୍ରବାର ପ୍ରଶାସନ ଭାଙ୍ଗି ଦେଇଛି ।ଗତ ଅଗଷ୍ଟ ୨୫ ତାରିଖରେ ସମିତିର ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆଉ ସମିତିକୁ ଆସିନଥିଲେ। ସମିତିର ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ଝୁଲାଇ ଦିଆଯାଇଥିଲା। ଏଥିପୂର୍ବରୁ ଭାରପ୍ରାପ୍ତ ସମ୍ପାଦକ ଶ୍ରୀ ବେହେରାଙ୍କୁ ଗତ ଅଗଷ୍ଟ ୨୨ ତାରିଖରେ ନିଲମ୍ବିତ କରାଯାଇ ସମିତିର ଅର୍ଥ ପରିଚାଳକ ବିରଞ୍ଚି ନାରାୟଣ ରାଉତଙ୍କୁ ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା। ଶ୍ରୀ ବେହେରା ଦାୟିତ୍ୱ ହସ୍ତାନ୍ତର କରିନଥିଲେ କି ତାଲା ଖୋଲିନଥିଲେ। ଜିଲ୍ଲା ସମବାୟ ନିବନ୍ଧକ ଶ୍ରୀ ବେହେରାଙ୍କୁ ସୁରକ୍ଷା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ। ମାମଲା ନ୍ୟାୟାଳୟକୁ ଯାଇଥିଲା। ଶେଷରେ ପ୍ରଶାସନ ତାଲା ଭାଙ୍ଗି ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ଜିଲ୍ଲା ସମବାୟ ନିବନ୍ଧକଙ୍କ ଅନୁରୋଧ ଫଳରେ ଉପଜିଲ୍ଲାପାଳ ଗତ ସେପ୍ଟେମ୍ବର ୨୬ ତାରିଖ ଆଦେଶ ସଂଖ୍ୟା ୧୭୩୭ ଅନୁଯାୟୀ ସ୍ଥାନୀୟ ତହସିଲଦାରଙ୍କୁ ତାଲା ଭାଙ୍ଗି ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଜିଲ୍ଲା ସମବାୟ ନିବନ୍ଧକ ପ୍ରତିନିଧି ସତ୍ୟପ୍ରକାଶ ସେଠୀ, ଭଦ୍ରକ–ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ସ୍ଥାନୀୟ ଶାଖା ସହ ପରିଚାଳକ ପ୍ୟାରିମୋହନ ନାୟକ ଓ ସ୍ଥାନୀୟ ପୁଲିସ ସମିତି କାର୍ଯ୍ୟାଳୟରେ ପହଞ୍ଚି ତାଲା ଭାଙ୍ଗି ଦେଇଥିଲେ। ସେହି ସମୟରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପ୍ରଶାସନ ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲା ।

# ୫୦ ବସ୍ତା ବିସ୍ଫୋରକ ଜବତ

**ବୈଶିଙ୍ଗା, ୧୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୀପାବଳୀ ଯେତିକି ପାଖେଇ ଆସୁଛି ସେତିକି ପରିମାଣରେ ବେଆଇନ ବାଣ ବେପାରୀଙ୍କ ଘରେ ପୋଲିସ ଚଢାଉ କରି ଲକ୍ଷ ଲକ୍ଷ ଟଙ୍କାର ତିଆରି ବାଣ ଜବତ କରି ଥାନାକୁ ନେଇ ଆସୁଥିବା ଜଣାଯାଇଛି । ବୁଧବାର ପଦ୍ମନାଭପୁର ଗ୍ରାମର ସମୀର ପଣ୍ଡାଙ୍କ ଭଡ଼ା ଘରୁ ୧୦୭ ବସ୍ତା ବିସ୍ଫୋରକ କଞ୍ଚାମାଲ ଜବତ ହୋଇଥିବା ବେଳେ ଶୁକ୍ରବାର ପୁରୁଣିଆ ଗ୍ରାମର ବୈଦ୍ୟନାଥ ଧଳଙ୍କ ଘରୁ ୫୦ ବସ୍ତା ତିଆରି ବାଣ ଜବତ କରାଯାଇଥିବା ଜଣାଯାଇଛି । ଏସଡିପିଓ ମିନତୀ ବିଶ୍ୱାଳ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୁଣିଆ ଗ୍ରାମର ବୈଦ୍ୟନାଥ ଧଳଙ୍କ ଘର ଉପରେ ଚଢ଼ଉ କରି ବିପୁଳ ପରିମାଣର ବିସ୍ଫୋରକ, ତିଆରି ବାଣ ସହିତ କିଛି ସରଞ୍ଜାମ ଜବତ କରିଥିବା ଜଣାଯାଇଛି । ସେହିଭଳି ସେଠାରେ ଥିବା ୫୦ ପେଟିରୁ ଉର୍ଦ୍ଧ୍ୱ ସବୁଜ ବାଣ ସବୁ ଥାନାକୁ ଆଣି ବାଣର କ୍ରୟ ବିଲ୍ ଓ ଲାଇସେନ୍ସ ଆଦି ଥାନାରେ ଦେଖାଇ ନେଇ ଯାଇ ପାରନ୍ତି ବୋଲି ଶ୍ରୀମତୀ ବିଶ୍ୱାଳ ପ୍ରକାଶ କରିଥିଲେ । ତେବେ ନିଉଜ ଲେଖା ପର୍ଯ୍ୟନ୍ତ ସବୁଜ ବାଣ ବୈଶିଙ୍ଗା ଥାନା ପହଞ୍ଚିନଥିଲା ଏହି ଭଳି ବାଛୁରୀପଡାରେ ଶହ ଶହ ବସ୍ତା ତିଆରି ବାଣ ରହିଥିବାର ଖବର ମିଳିଛି ।

# ସର୍ବସାଧାରଣଙ୍କ ଯାତାୟାତ ରାସ୍ତାରେ ସରକାରୀ ଅର୍ଥରେ ମନ୍ଦିର ନିର୍ମାଣ




**ଗୋପ, ୧୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ଅର୍ଥରେ ମନ୍ଦିର ନିର୍ମାଣ ତାହା ପୁଣି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଉପରେ ଏମିତି କିଛି ରୋଚକ ଘଟଣ ଦେଖିବାକୁ ମିଳିଛି । ପୁରୀ ଜିଲ୍ଲା ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ର ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଚାୟତ ସ୍ଥିତ ଗଳଦରୀ ଗ୍ରାମରେ । ଉକ୍ତ ଗ୍ରାମର ଛକ ନିକଟରେ ଥିବା ଖାତା ନଂ ୨୫୫ ପ୍ଲଟ ନଂ ୮୮୦ (କିସମ ରାସ୍ତା) ଉପରେ ହନୁମାନ ମନ୍ଦିର ଓ ମଣ୍ଡପ ନିର୍ମାଣ କରାଯାଉଛି । ସବୁଠୁ ବଡ଼ ଆଶ୍ଚର୍ଯ୍ୟ କର ହେଉଛି ଉକ୍ତ ମନ୍ଦିର ଟି ସରକାରୀ ଅର୍ଥ ବିନିଯୋଗରେ ନିର୍ମାଣ କରାଯାଉଛି । ତାହା ପୁଣି ବହୁ ଚର୍ଚ୍ଚିତ ଏଗାର ନମ୍ବର ଜୋନର ଜିଲ୍ଲାପରିଷଦ ପାଣ୍ଠିରୁ ଏହା ଜାଣିବାପରେ ଗଳଦରୀ ଗ୍ରାମ ବାସିନ୍ଦା ଏହାକୁ ବିରୋଧ କରିଛନ୍ତି । ଏ ସମ୍ପର୍କ ରେ ଗୋପ ବ୍ଲକ ପ୍ରଶାସନ ମୁଖ୍ୟ ତଥା ବିଡ଼ିଓ ଛବିରାଣୀ ସାହୁଙ୍କୁ ଲିଖିତ ଅଭିଯୋଗ କରିବାରେ ଶ୍ରୀମତୀ ସାହୁ ତାଙ୍କୁ ଉତ୍ତର ଦେଇଛନ୍ତି ଯଦି ସେମାନେ ତାଙ୍କ ନିଜସ୍ୱ ଅର୍ଥରେ କରିବେ । ଏଣୁ ବାଧ ହୋଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନଙ୍କ ସମ୍ମୁଖରେ ଅଭିଯୋଗ କରିଛନ୍ତ । ଉକ୍ତ ସ୍ଥାନରେ ସରକାରୀ ଅର୍ଥ ବିନିଯୋଗ ହେଉଛି, ଯାହାଦ୍ୱାରା ଭବିଷ୍ୟତରେ ଗୋପବନ୍ଧୁ ଦାସଙ୍କ କର୍ମଭୂମି ଡଭାରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପରେ ଉକ୍ତ ରାସ୍ତା ସାରଣରେ ବାଧା ସୃଷ୍ଟି କରିବ ଓ ଭବିଷ୍ୟତରେ ବହୁତ ଅସୁବିଧା ହେବ । ଗୋପ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଶ୍ରୀମତୀ ସାହୁ ଓ ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ଦ୍ୱାରା ଏହାର ତଦନ୍ତ କରିବା ସହିତ ଜବର ଦଖଲ ଉଚ୍ଛେଦ କରିବାପାଇଁ ଉକ୍ତ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । ତାହା ପୁଣି ଖୋଦ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ରାଜ୍ୟର ଉପ–ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ଅଟେ । ଏଣୁ ମନ୍ଦିରକୁ କେହିଁ ବିରୋଧ କରୁନାହାନ୍ତି ଯେଉଁ ସ୍ଥାନରେ ଉକ୍ତ ମନ୍ଦିର ନିର୍ମାଣ ହେଉଛି ତାକୁ ବିରୋଧ କରୁଛନ୍ତି ଗ୍ରାମବାସୀ । ଏବେ ସାଧାରଣରେ ଦାବି ହେଉଛି ସର୍ବସାଧାରଣଙ୍କ ଯାତାୟାତରେ କୌଣସି ମନ୍ଦିର, ମସଜିତ, ଗୀର୍ଜା କି ଚର୍ଚ୍ଚା ଆଦି କରାନଯାଉ ବୋଲି ଉକ୍ତ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ମା’ କାଳିନ୍ଦ୍ରୀ ଟ୍ରକ ମାଲିକ ସଂଘର ଧାରଣା : ୧୪ ଧାରଣାକାରୀଙ୍କୁ କୋର୍ଟ ଚାଲାଣ

**ଭଦ୍ରକ, ୧୮।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ମା’କାଳିନ୍ଦ୍ରୀ ଟ୍ରକ ମାଲିକ ସଂଘର ୧୪ ଜଣ ଧାରଣାକାରୀଙ୍କୁ ପୁଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି । ସଂଘ ପକ୍ଷରୁ ୧୬ ନଂ ଜାତୀୟ ରାଜପଥର ଭାଗଡା–ନାରାୟଣପୁର ଟୋଲଗେଟ ସମ୍ମୁଖରେ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ଜନଧାରଣା ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ପୁଲିସ ଧାରଣାକାରୀଙ୍କୁ ଉଠାଇ ନେଇଥିଲା। ଏଥିସହ ଧାରଣାକାରୀଙ୍କ ଦ୍ୱାରା ଅଟକ ଥିବା ଧାମରାରୁ ମାଲ ପରିବହନ କରିଆସୁଥିବା ୨୦ଟି ଟ୍ରକକୁ ପୁଲିସ ଜବତ କରିଥିଲା। ଧାରଣାକାରୀମାନଙ୍କୁ ପୁଲିସ ପ୍ରଥମେ ଭଣ୍ଡାରିପୋଖରୀ ଥାନା, ପରେ ଗ୍ରାମାଞ୍ଚଳ ଥାନା ଓ ରିଜର୍ଭ ଚରମ୍ପା ପୁଲିସ କାର୍ଯ୍ୟାଳୟକୁ ନେଇ ଅଟକ ରଖିଥିଲା । ୨ୟ ପର୍ଯ୍ୟାୟ ଧାରଣା ସମୟରେ ଗତ ସେପ୍ଟେମ୍ବର ୧୨ ତାରିଖରେ କଇଥଗୋଲା ଟ୍ରକ ଆସୋସିଏସନ ପକ୍ଷରୁ ସଦସ୍ୟ ସୁବ୍ରତ କୁମାର ଦାସଙ୍କ ଦ୍ୱାରା ମା’ କାଳିନ୍ଦ୍ରୀ ଟ୍ରକ ମାଲିକ ସଂଘ ବିରୋଧରେ ଅଭିଯୋଗ ଆଧାରରେ ରଜୁ ହୋଇଥିବା ୪୦୭/୨୫ନଂ ମାମଲା ବଳରେ ୧୪ ଜଣ ଧାରଣାକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି । ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନୁବନ୍ଧିତ ଟ୍ରକଗୁଡିକୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି । ଜିଲ୍ଲା ଓ ଜିଲ୍ଲା ବାହାରର ଟ୍ରକ ମାଲିକ ସଂଘଗୁଡିକୁ ପରିବହନ ସୁଯୋଗ ମିଳୁଥିବା ବେଳେ ମା’କାଳିନ୍ଦ୍ରୀ ସଂଘକୁ ବୈମାତୃକ ମନୋଭାବ ଯୋଗୁଁ ଏଥିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରି ମା’କାଳିନ୍ଦ୍ରୀ ଟ୍ରକ ମାଲିକ ସଂଘ ପକ୍ଷରୁ ବାରମ୍ବାର ଧାରଣା ହୋଇଛି। ପ୍ରତ୍ୟେକ ଧାରଣା ସମୟରେ ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ଦିଆଯାଉଥିବା ପ୍ରତିଶ୍ରୁତିକୁ ପରେ ଏଡାଇ ଦିଆଯାଉଛି। ପେଟପାଟଣା ପାଇଁ ଟ୍ରକ ବ୍ୟବସାୟ ଚଳାଉଥିବା ମାଲିକମାନେ ନିରାଶ ହୋଇ ପଡିଛନ୍ତି। ଏଥିପାଇଁ ସଂଘ ପକ୍ଷରୁ ୩ ଦଫା ଦାବି ରଖାଯାଇଛି। ଧାମରା ବନ୍ଦରରୁ ୧୫ ଶତାଂଶ ମାଲ ପରିବହନ ସୁଯୋଗ ମିଳିବା, ଧାମରାର ସ୍ଥାନୀୟ ସଂଘ ବ୍ୟତୀତ ଜିଲ୍ଲାର ଅନ୍ୟ ସମସ୍ତ ସଂଘକୁ ସମାନ ପରିବହନ ସୁବିଧା ଯୋଗାଇ ଦିଆଯିବା ଓ କଇଥଗୋଲା ଟ୍ରକ ଆସୋସିଏସନ ପକ୍ଷରୁ ମା କାଳିନ୍ଦ୍ରୀ ଟ୍ରକ ମାଲିକ ସଂଘ ବିରୋଧରେ ଦିଆଯାଇଥିବା ଏଫ.ଆଇ.ଆର. ପ୍ରତ୍ୟାହାର କରାଯିବା ଆଦି ଦାବି କରାଯାଇଛି। ଆଜିର ଗିରଫଦାରୀ ପରେ ସମସ୍ୟା ଅଧିକ ଜଟିଳ ହୋଇପଡିଛି। ଫଟୋ– ଅଟକ ଟ୍ରକ ମାଲିକ ଧାରଣାକାରୀ।

# ଧାନଗଛରେ ପତ୍ରପୋଡା ରୋଗ : ଚାଷୀ ଚିନ୍ତାରେ

**ଚାରିଛକ, ୧୮।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ନିକଟସ୍ଥ ଭୋଗଶାଳଦା, ତମ୍ପାଳୋ, ଛଣିଜଙ୍ଗ, ବାହାରଣା, ଭୋଦର, କଳାପାଞ୍ଚଣ, ତୁଳସୀପୁର ଆଦି ପଞ୍ଚାୟତରେ ଅଧିକାଂଶ ଧାନ ଚାଷ ଜମିରେ ଏହି ପତ୍ର ପୋଡା,ମୂଳସଢା ଓ ମଇଁଷିଆ ରୋଗ ହେବାଫଳରେ ଥୋଡ ସମୟରେ ଧାନଗଛ ସବୁ ହଳଦିଆ ପଡି କୁଜା ହୋଇଯାଉଛି । କେତେକ ପଂଚାୟତରେ ଚାଷ ଜମିରେ ଚକଡା ପୋକ ଲାଗିଥିବା ନେଇ ଅନେକ ଚାଷୀଙ୍କ ଠାରୁ ଶୁଣିବାକୁ ମିଳିଛି । ଚାଷୀମାନେ ନାନା ପ୍ରକାର ଔଷଧ ପକାଇଲେ ସୁଧା କୌଣସି ସୁଫଳ ମିଳୁନଥିବାରୁ ଚାଷିମାନେ ଘୋର ଚିନ୍ତାରେ ପଡିଯାଇଛନ୍ତି । କିନ୍ତୁ ବର୍ତ୍ତମାନ ଚାଷିଙ୍କ ଆର୍ଥିକ ଅବସ୍ଥା ଭଲ ନଥିବାରୁ ଚାଷୀମାନେ ଔଷଧ କିଣି ପକାଇବା ସମ୍ଭବ ହୋଇପାରୁନାହିଁ । ଜିଲ୍ଲା କୃଷି ବିଭାଗର ଅବହେଳା ହେତୁ ବ୍ଲକରେ ଏଭଳି ସବୁ ଫସଲ ହାନି ପ୍ରତ୍ୟେକବର୍ଷ ଘଟୁଥିବା ନେଇ ଚାଷିମାନେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ କୃଷି ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇବାପରେ କୃଷି ବିଭାଗ ଅଧିକାରୀମାନେ ଧାନ ଜମି ସବୁ ପରିଦର୍ଶନକରି ଫେରିଥିଲେ ମଧ୍ୟ ଏହାର ପ୍ରତକାର ପାଇଁ ଗୁରୁତ୍ୱ ଦେଇନାହାଁନ୍ତି । ଏହାର ପ୍ରତିକାର କରାନଗଲେ ଆଗାମୀ ଦିନରେ କୃଷକନେତା କୃଷ୍ଣଚନ୍ଦ୍ର ରାଉତ ଙ୍କ ସମେତ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଭଦ୍ରକ, ୧୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକରେ ଦିନକୁ ଦିନ ବିଗିଡିବାରେ ଲାଗିଛି ସରକାରୀ ସ୍ୱାସ୍ଥ୍ୟ ସେବା । ୧୯୯୩ ମସିହାରେ ଭଦ୍ରକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା । ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଭାଗ ହୋଇ ଭଦ୍ରକ ଏକ ନୂଆ ଜିଲ୍ଲା ହେଲା । ୭ଟି ବ୍ଲକକୁ ନେଇ ନୂଆ ଜିଲ୍ଲା ହେଲା ଏଇ ଜିଲ୍ଲାର ଏବେ ଲୋକ ସଂଖ୍ୟା ୨୦ ଲକ୍ଷରୁ ଅଧିକ ହୋଇଥିବା ବେଳେ ଏମାନଙ୍କର ସ୍ୱାସ୍ଥ୍ୟସେବା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରହିଛି । ୧୯୯୩ରୁ ୨୦୨୫ ଏକ ଲମ୍ବା ସମୟର ବ୍ୟବଧାନ ପରେ ଗତ କିଛି ମାସ ହେଲା ଭଦ୍ରକର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗେଲପୁରସ୍ଥିତ ତା’ର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛି ।

ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସ୍କୁ ସ୍ଥାନାନ୍ତର ହେବା ପରେ ରୋଗୀମାନେ ଓ ଜିଲ୍ଲାବାସୀ ଭାବିଥିଲେ ଏଠାରେ ଭଲ ସ୍ୱାସ୍ଥ୍ୟସେବା ମିଳିବ । ମାତ୍ର ଏଠି ଲୋକେ ଶୋଷଣର ଶୀକାର ହେଉଛନ୍ତି । ଭଦ୍ରକ ସହରରୁ ଗେଲପୁରସ୍ଥିତ ଡାକ୍ତରଖାନାକୁ ଆସିବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ୨୦୦ ଟଙ୍କାର ଅଟୋ ଭଡା ଦଣ୍ଡ ଗଣିବାକୁ ପଡୁଛି । ଏଠାକୁ ସ୍ୱତନ୍ତ୍ର ଟାଉନ ବସ୍ ଦିଆଗଲା ନାହିଁ ।

ସେହିପରି ଏଠାରେ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆବଶ୍ୟକ ଡାକ୍ତର ନାହାନ୍ତି । ଯେଉଁ ସବୁ ଡାକ୍ତର ପଦବି ପୂରଣ ହେବା କଥା ତାହା ସରକାର ପୂରଣ କରୁ ନାହାନ୍ତି । କେବଳ




ଡାକ୍ତର ନୁହନ୍ତି । ଏଠାରେ ଖାଲିପଡ଼ିଥିବା ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟ ସବୁ ପାଥୋଲଜି ଟେକ୍ନିସିଆନ ପଦବି ଖାଲି ପଡିଛି । ମେଡିକାଲ ପରିସରରେ ରକ୍ତ ଭଣ୍ଡାର ଓ ଡାଏଲିସିସ କେନ୍ଦ୍ର ନଥିବାରୁ ରୋଗୀ ରାତିଅଧରେ ପୁରୁଣା ମେଡିକାଲକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି । ଏସବୁ ସମସ୍ୟା ସଂପର୍କରେ ରୋଗୀ ଓ ସେମାନଙ୍କ ସଂପର୍କୀୟମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ପ୍ରତି ଦୃଷ୍ଟି ଦେଉ ନାହାନ୍ତି । ଭଦ୍ରକରେ ବିଗିଡି ଯାଇଥିବା ସ୍ୱାସ୍ଥ୍ୟସେବା ପ୍ରତି ଭଦ୍ରକର ନିର୍ବାଚିତ ଲୋକ ପ୍ରତିନିଧିମାନେ ଦୃଷ୍ଟି ଦେବା ତ ଦୂରର କଥା ଭଦ୍ରକ ମେଡିକାଲ କେଉଁ ପରିସ୍ଥିତିରେ ଚାଲିଛି ସେ ବିଷୟରେ ମଧ୍ୟ ସାମାନ୍ୟତମ ଆନ୍ତରିକତା ପ୍ରକାଶ କରୁନାହାନ୍ତି । ଜିଲ୍ଲାରେ ମେଡିକାଲ କଲେଜର ପ୍ରତିଶ୍ରୁତି ଦେଇ ଗୋଟିଏ ସରକାର ଗଡିଗଲା । ଆଉ ଗୋଟିଏ ସରକାର ମେଡିକାଲ ଆସିବା ମାତ୍ରେ ହିଁ ପ୍ରତିଷ୍ଠା କରାଯିବାର ପ୍ରତିଶ୍ରୁତି ଦେବା ପରେ ଆଉ ଧରାଛୁଆଁ ଦେଉ ନାହାନ୍ତି ।

ସରକାର ଆସିବା ପରେ ଭଦ୍ରକ ଜିଲ୍ଲାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ଧୂଆଁବାଣ ସଦୃଶ ହୋଇଛି । ଭଦ୍ରକର ବୁଦ୍ଧିଜୀବୀ ଏବେ ନୀରବ । କାହାକୁ କହିବେ, କିଏ ଆଉ ବୁଦ୍ଧିଜୀବୀଙ୍କ କଥା ଶୁଣିବେ । ଜିଲ୍ଲାରେ ଏଭଳି ପରିସ୍ଥିତି ଦେଖିବା ପରେ ଭଦ୍ରକର ବୁଦ୍ଧିଜୀବୀ ଆଉ ଆଗକୁ ବାହାରି କାହାର ଶତ୍ରୁ ହେବାକୁ ଚାହୁଁ ନାହାନ୍ତି । ଭଦ୍ରକ ଏବେ ତାର ପୂର୍ବ ଗୌରବ ଓ ଗାରିମା ସବୁ ହରାଇବାକୁ ବସିବାକୁ ଯାଉଛି । ରାଜ୍ୟରେ ରାଜନୈତିକ ଦୃଷ୍ଟିକୋଣରୁ ଭଦ୍ରକର ଏକ ପ୍ରମୁଖ ଭୂମିକା ସବୁବେଳେ ରହି ଆସିଛି । ମାତ୍ର ଭଦ୍ରକର ବିକାଶ ସବୁ କ୍ଷେତ୍ରରେ ପଛରେ ପଡିଛି । ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଦ୍ରକ ଏତେ ପଛକୁ ଠେଲି ହୋଇଛି ଯେ ସାଧାରଣ ରୋଗୀଟିଏର ଏଇ ସରକାରୀ ଚିକିତ୍ସା ସେବା ଉପରେ ଭରସା ପାଉ ନାହିଁ । ବାଧ ହୋଇ ଭଦ୍ରକର ସଂଖ୍ୟାଧିକ ରୋଗୀ ଭଦ୍ରକରେ ଛତୁଫୁଟିଲା ଭଳି ଖୋଲାଯାଇଥିବା ଘରୋଇ ନର୍ସିଂହୋମକୁ ଯାଇ ଶୋଷଣରେ ଶିକାର ହେଉଛନ୍ତି ।

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ କୋଡୁଆରେ ଆଜିଯାଏଁ ମିଳୁଛି । ଆଗକୁ କ'ଣ ହେବ କିଏ କହିବ? ଭୁବନେଶ୍ୱରର ବଇଆ କୋରାଖଇ ତାଳପତ୍ର ଭୋଗେଇରୁ ଆସି ପଲିଥିନ ମୁଣା ପଶିଲାଣି । ଠିକ୍ ସେମିତି ମାଟିର ଅଭାବରେ ଜଗନ୍ନାଥଙ୍କ ମହାପ୍ରସାଦ ଯେ ଦିନେ ମାଟି କୁଡୁଆ ବଦଳରେ ପ୍ଲାଷ୍ଟିକ ଡବାରେ ନ ମିଳିବ– ଏକଥା କିଏ କହିବ? ତଥାପି ପ୍ଲାଷ୍ଟିକ ଏବଂ ପଲିଥିନ ବର୍ଜନର ଗର୍ଜନ ନେତାଙ୍କ ଭାଷଣରେ ଆଜି ବି ଶୁଣିବାକୁ ମିଳୁଛି । ମାଟି ପ୍ରୀତିର ଅଭାବ ନାହିଁ । ମହାନଦୀ ଶୁଖିଲା – କିନ୍ତୁ ନେତାଙ୍କ ଭାଷଣରେ ଭିଜା ମାଟିର ମହକ ଏବେବି ରହିଛି । ଗର୍ବରେ ଛାତି ଫୁଲିଉଠେ ସେ ଭାଷଣ ଶୁଣିଲେ। 'ପାର୍ଟି ବଡ଼ ନୁହେଁ, ମାଟି ବଡ଼'– ଏ ଭାଷଣ ଅନେକ ଦିନ ତଳୁ ଚାଲିଆସୁଛି । ମାଟି ସରିସରି ଯାଉଥିବା ସମୟରେ ମଧ୍ୟ ଏ ଭାଷଣ ସରିନି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୯ ଅକ୍ଟୋବର ୨୦୨୫ | ରବିବାର



ଓଡ଼ିଶା ଏକ୍ସପ୍ରେସ୍


# ମାଟି ପ୍ରୀତି !

ରାଜନୈତିକ ଦଳର ନେତାମାନେ ଭାଷଣ ଦେଲା ବେଳେ ସେମାନଙ୍କ ଭାଷଣ କାନକୁ ବେଶ୍ ଭଲ ଶୁଭେ। ଏମାନଙ୍କ ଭାଷଣରେ ଦେଶ ପ୍ରୀତି, ରାଜ୍ୟ ପ୍ରୀତି ଏବଂ ବିଶେଷ କରି ମାଟି ପ୍ରୀତିର ଏକ ବାସ୍ନା ଥାଏ । ଏହା ସାଧାରର ଲୋକଙ୍କୁ ଶିହରିତ କରିଥାଏ, ଠିକ୍ ଭିଜା ମାଟିର ବାସ୍ନା ଭଳି । ଏଥିରେ ଥାଏ ଏକ ଅଲଗା ମାଦକ । ତେଣୁ 'ପାର୍ଟି ବଡ଼ ନୁହେଁ, ମାଟି ବଡ଼' ଏକଥା କହି ଲୋକଙ୍କୁ ପ୍ରଭାବିତ କରିଥାନ୍ତି ନେତାମାନେ । ଲୋକେ ଏମାନଙ୍କୁ ମାଟିର ମଣିଷ ବୋଲି ଭାବନ୍ତି । ନିର୍ବାଚନ ମଣ୍ଡଳୀ ଛାଡ଼ି ରାଜଧାନୀକୁ ଫେରିଯିବା ପରେ ମାଟି କଥା କେତେ ମନେପଡ଼େ ଏକଥା ସମସ୍ତଙ୍କୁ ଜଣା । ତା'ଛଡ଼ା ରାଜଧାନୀରେ ମାଟି କୁଆଡୁ ଆସିବ ଯେ ମାଟି କଥା ମନେପଡ଼ିବ?

ଗାଁ ମାଟିକୁ ଝୁରୁଛନ୍ତି କବି–ଲେଖକମାନେ, ଭୁବନେଶ୍ୱର ତାରକା ହୋଟେଲରେ ଅନୁଷ୍ଠିତ ସାହିତ୍ୟ ସଭାରେ । ଗାଁ ଖୁବ୍ ମନେପଡ଼େ ଏଠି ।

ଏବେ ସ୍ୱଦେଶୀ ପ୍ରୀତି କିଛି ଲୋକଙ୍କ ପ୍ରାଣରେ ବେଶ୍ ଜାଗିଛି, ଯେଉଁମାନେ ଜୋତା ଠାରୁ ଚଷମା ଯାଏଁ ସବୁ ବିଦେଶୀ ବ୍ୟବହାର କରନ୍ତି । ଦୀପାବଳୀ ଅବସରରେ ଘରକୁ ଚାଇନା ଗଜରା ଆଲୁଅରେ ସଜେଇ ଅନ୍ୟକୁ ସ୍ୱଦେଶୀ ହେବା ପାଇଁ ପରାମର୍ଶ ଦିଅନ୍ତି ଏମାନେ । ଯେଉଁମାନେ ଚାଇନା ଆଲୁଅରେ ଘର ସଜେଇ, ଚାଇନା ବାଣ ଫୁଟାଇ ଦୀପାବଳୀ ପାଳନ କରନ୍ତି ସେମାନେ କହନ୍ତି– ଆମ ସଂସ୍କୃତି ହେଉଛି– ଦୀପାବଳୀରେ ମାଟି ଦୀପ ଜାଳି ପୂର୍ବଜମାନଙ୍କୁ ବାଟ ଦେଖାଇବା । ମହମବତି ଜାଳିବା ବିଦେଶୀ ସଂସ୍କୃତି । ସେଇମାନେ ହିଁ ସେମାନଙ୍କ ପୁଅଝିଅ ଏବଂ ନାତି ନାତୁଣୀଙ୍କ ଜନ୍ମଦିନରେ କେକ୍ କାଟି ଏବଂ ମହମବତିକୁ ଫୁଙ୍କି ଲିଭାଇ ଜନ୍ମଦିନ ଉତ୍ସବ ପାଳନ୍ତି । କିନ୍ତୁ କହନ୍ତି– ଆମ ସମୟରେ ଜନ୍ମଦିନରେ ସତ୍ୟନାରାୟଣଙ୍କ ପୂଜା ହେଉଥିଲା । ଯେଉଁମାନେ ଏକଥା କହନ୍ତି ସେମାନେ କେକ୍ କଟା ସଂସ୍କୃତିକୁ ବେଶ୍ ଆଦରି ନେଲେଣି ।

ଏବର୍ଷ ଦୀପାବଳୀ ବଜାର ଦେଖି ଖୁସି ଲାଗିଲା । ରାସ୍ତାଘାଟରେ ମାଟିଦୀପ ବିକ୍ରି ହେଉଛି । ମାଟିଦୀପର ଚାହିଦା ବଢ଼ିଛି ବୋଲି କହୁଛନ୍ତି କୁମ୍ଭକାରମାନେ । ଏକଥା ବି କହୁଛନ୍ତି– ଏଇ ବର୍ଷକୁ ଥରେ ଦୀପାବଳୀରେ ଦୀପ ବିକି ଆମେ କେତେ ଟଙ୍କା ରୋଜଗାର କରିବୁ ଯେ ସେଇଥିରେ ବର୍ଷସାରା ଚଳିପାରିବୁ? ପିଲାଙ୍କ ପାଠପଢ଼ା, ଝିଅ ବାହାଘର କ'ଣ ଏଇ ବର୍ଷକୁ ଥରେ ମାଟି ଦୀପ ବିକି କରିହେବ? ତେଣୁ ଧୀରେଧୀରେ ଏ ବୃତ୍ତି ଲୋପପାଇଯିବ । ଆମ ପିଲାଏ କ'ଣ ଚାହିଁବେ ଏ ବୃତ୍ତିରେ ରହିବାକୁ? ତା'ଛଡ଼ା ଆଜିକାଲି ମାଟିର ଘୋର ଅଭାବ । ମାଟି ପାଇଁ ଅନେକ କଟକଣା । ଭାଟି ପାଇଁ କାଠଜାଳ କାହିଁ? ଜଙ୍ଗଲ ତ ଲୋପ ପାଇଗଲାଣି । ସବୁଠି ତ କଂକ୍ରିଟ ଜଙ୍ଗଲ, ଝାଟି ମିଳିବ କୁଆଡୁ? ତେଣୁ ଆଗକୁ କୁମ୍ଭାର ଚକ ଥମିଯିବ ।

ଆନ୍ଧ୍ର ସହିତ ସୀମା ବିବାଦ ଲାଗି ରହିଛି । ଓଡ଼ିଶା ଭିତରକୁ ପଶି ଆସୁଛି ଆନ୍ଧ୍ର। କୋଟିଆରେ ଆନ୍ଧ୍ର ତେଲୁଗୁ ପାଠ ପଢ଼ାଉଛି ଆମ ପିଲାଙ୍କୁ। ଆମ ନେତାଙ୍କ ଛାତିରେ କିନ୍ତୁ ମାଟି ପ୍ରୀତିର ଅଭାବ ନାହିଁ ।

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ କୋଡୁଆରେ ଆଜିଯାଏଁ ମିଳୁଛି । ଆଗକୁ କ'ଣ ହେବ କିଏ କହିବ? ଭୁବନେଶ୍ୱରର ବଇଆ କୋରାଖଇ ତାଳପତ୍ର ଭୋଗେଇରୁ ଆସି ପଲିଥିନ ମୁଣା ପଶିଲାଣି । ଠିକ୍ ସେମିତି ମାଟିର ଅଭାବରେ ଜଗନ୍ନାଥଙ୍କ ମହାପ୍ରସାଦ ଯେ ଦିନେ ମାଟି କୁଡୁଆ ବଦଳରେ ପ୍ଲାଷ୍ଟିକ ଡବାରେ ନ ମିଳିବ– ଏକଥା କିଏ କହିବ? ତଥାପି ପ୍ଲାଷ୍ଟିକ ଏବଂ ପଲିଥିନ ବର୍ଜନର ଗର୍ଜନ ନେତାଙ୍କ ଭାଷଣରେ ଆଜି ବି ଶୁଣିବାକୁ ମିଳୁଛି । ମାଟି ପ୍ରୀତିର ଅଭାବ ନାହିଁ । ମହାନଦୀ ଶୁଖିଲା – କିନ୍ତୁ ନେତାଙ୍କ ଭାଷଣରେ ଭିଜା ମାଟିର ମହକ ଏବେବି ରହିଛି । ଗର୍ବରେ ଛାତି ଫୁଲିଉଠେ ସେ ଭାଷଣ ଶୁଣିଲେ। 'ପାର୍ଟି ବଡ଼ ନୁହେଁ, ମାଟି ବଡ଼'– ଏ ଭାଷଣ ଅନେକ ଦିନ ତଳୁ ଚାଲିଆସୁଛି । ମାଟି ସରିସରି ଯାଉଥିବା ସମୟରେ ମଧ୍ୟ ଏ ଭାଷଣ ସରିନି ।

# ଋଣ କରିବାରେ ବାଧା ନାହିଁ



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ବସ୍ତୁବାଦୀଙ୍କ ଭାଷାରେ 'ଯାବତ୍ ଜୀବେତ୍, ସୁଖମ୍ ଜୀବେତ୍, ଋଣଂ କୃତ୍ୱା ଘୃତ୍ୟ ପିବେତ ।' ମଣିଷ ସଂସାରକୁ ଆସିଥିବା ବେଳେ ସାଙ୍ଗରେ କିଛି ଆଣି ନଥାଏ, ଆନନ୍ଦ ଓ ଖୁସି ଛଡା ସେହିପରି ସଂସାର ଛାଡି ଯିବାବେଳେ ସାଥିରେ କିଛି ନେଇ ନଥାଏ, ନିଜସ୍ୱ କର୍ମଫଳ ବ୍ୟତିତ । ସେଇଥିପାଇଁ ବୋଧହୁଏ ମନଭିତରେ ପ୍ରସଙ୍ଗ ଆସିଛି ଯେପର୍ଯ୍ୟନ୍ତ ଜୀବନ ଅଛି ସେପର୍ଯ୍ୟନ୍ତ ଖୁସି ଓ ଆନନ୍ଦ ଉପଭୋଗରେ ଲିପ୍ତ ରୁହ ଏବଂ ଆବଶ୍ୟକସ୍ଥଳେ ଯେତେ ପାରୁଛ ଋଣ କରି ଭଲ ସମୟକୁ ଆପଣେଇନିଅ । ଋଣ ପରିଶୋଧ ଠିକଣା ସମୟରେ ହୋଇ ନପାରିଲେ ରାତିରେ ଯେ ନିଦ ହଜିଯିବ, ହୁଏତ ତାହା ସେତେବେଳେ ଭାବନାରେ ସ୍ଥାନ ପାଇ ନଥିଲା । ଆନନ୍ଦ ଉପଭୋଗ ତ ଦୂରର କଥା ଜୀବନଯନ୍ତ୍ରଣା ବହୁଗୁଣିତ ହେବାରେ ବାଧାବନ୍ଧନ ରହିବ ନାହିଁ । ଏସବୁ ପ୍ରସଙ୍ଗ ମନକୁ ଆସିବାର କାରଣ ହେଉଛି, ଦେଶର ସାଂପ୍ରତିକ ଆଭ୍ୟନ୍ତରୀଣ ଓ ବାହ୍ୟ ଋଣର ସ୍ଥିତିକୁ ନେଇ । ଏବେ ପ୍ରତି ଭାରତୀୟଙ୍କ ମୁଣ୍ଡପିଛା ଋଣଭାର ପ୍ରାୟ ପାଞ୍ଚଲକ୍ଷ ଟଙ୍କାରେ ପହଞ୍ଚିଛି । ଦୁଇବର୍ଷ ତଳେ ଦେଶର ମୁଣ୍ଡପିଛା ଆଭ୍ୟନ୍ତରୀଣ ଋଣଭାର ଚାରିଲକ୍ଷ ଟଙ୍କା ବା କିଛି ତଳକୁ ଥିବା ସ୍ଥଳେ ତାହା ୨୩ ଶତାଂଶ ବୃଦ୍ଧି ପାଇ ଏହି ସ୍ଥିତିରେ ପହଞ୍ଚିଛି । ସେହି ଅବଧି ମଧ୍ୟରେ ପ୍ରତି ଭାରତୀୟଙ୍କ ଋଣଭାର ନବେହଜାର ଟଙ୍କା ବଢିଛି । ତେବେ ଟିକସ ପରବର୍ତ୍ତୀ ସାମଗ୍ରୀକ ଖର୍ଚ୍ଚ ଯୋଗ୍ୟ ଆୟର ପଚିଶ ଶତାଂଶରୁ ଅଧିକ ଋଣ ମାଧ୍ୟମରେ ଉପଲବ୍ଧି ହେଉଛି ଜୀବନଧାରଣ ବ୍ୟବସ୍ଥାକୁ ଅପରିବର୍ତ୍ତିତ ରଖିବା ଲାଗି । ସେଥିମଧ୍ୟରୁ ଗୃହ ନିର୍ମାଣ ବାବଦ ଋଣ କେବଳ ୨୯ ପ୍ରତିଶତ । ଅବଶ୍ୟ ଗୃହନିର୍ମାଣ ଋଣ ବ୍ୟକ୍ତିଗତ ପୁଞ୍ଜି ବୃଦ୍ଧିରେ ସହାୟକ ହେବା ସ୍ୱାଭାବିକ । ଯେପର୍ଯ୍ୟନ୍ତ ବିତ୍ତୀୟ ସଂସ୍ଥାର ଋଣ ପରିଶୋଧ ନିୟମିତ ଓ ସମୟାନୁଭିତ୍ତିକ ରୂପ ନେଇଛି ସେ ପର୍ଯ୍ୟନ୍ତ ତାହା ଅଚଳନ୍ତି ସମ୍ପତ୍ତି ବୃଦ୍ଧିରେ ସହାୟକ ହେବ ସିନା, ପରିଶୋଧରେ ଅନିୟମିତତା ଦେଖାଦେଲେ ବା ବ୍ୟାଙ୍କ ଶିଳ୍ପରେ ଅନାଦେୟ ପୁଞ୍ଜି ବୃଦ୍ଧିରେ ସହାୟକ ହେଲେ, ବୋଝ ପାଲଟିବାରେ ବେଶି ସମୟ ଲାଗିବ ନାହିଁ । ତେବେ କେନ୍ଦ୍ରୀୟ ବ୍ୟାଙ୍କର ଆକଳନ ଅନୁଯାୟୀ ଯେଉଁ ଚାରି ଟ୍ରିଲିଅନ ସାମଗ୍ରୀକ ଜାତୀୟ ଉତ୍ପାଦନ ବା ଜିଡିପିକୁ ନେଇ ଭାରତ ବିଶ୍ୱରେ ଚତୁର୍ଥ ବୃହତ ଅର୍ଥନୈତିକ ରାଷ୍ଟ୍ରର ମାନ୍ୟତା ହାସଲ କରିଛି, ତା'ର ୪୨ ପ୍ରତିଶତ ହେଉଛି କେବଳ ଋଣ । ସାଂପ୍ରତିକ ଅର୍ଥନୈତିକ ପରିବେଶରେ ଟିକସ ପୈଠ ପରବର୍ତ୍ତୀ ଖର୍ଚ୍ଚ ଯୋଗ୍ୟ ଆୟ ତୁଳନାରେ ଶିକ୍ଷା ଠାରୁ ଆରମ୍ଭ କରି ଜୀବନଧାରଣ ବ୍ୟୟ ଏତେ ବଢିଲାଣି ଯେ ଅଧିକାଂଶ ଭାରତୀୟ ଋଣ କରିବାକୁ ପସନ୍ଦ କରୁଛନ୍ତି । ସରକାର ସିନା ରାଜସ୍ୱ ବୃଦ୍ଧି ପାଇଁ ଋଣ ପରିବର୍ତ୍ତେ ଟିକସ ଭାର ବଢାଇ ଆର୍ଥିକ ଆବଶ୍ୟକତା ପୂରଣ କରିଦେବେ, ହେଲେ ସାଧାରଣ ଜନତା ପାଖରେ ଅତିରିକ୍ତ ଆୟ ବୃଦ୍ଧି ପାଇଁ ବାଟ ସୀମିତ । କାରଣ ପରିବାରରେ ଜଣେ ପିଲାର ଉଚ୍ଚଶିକ୍ଷା ବାବଦ ବ୍ୟୟ ପିତାମାତାଙ୍କ ଚାକିରିରୁ ଆୟର ୬୫ ପ୍ରତିଶତକୁ ଛୁଇଁ ଯାଉଛି । ପରିବାରରେ ଦୁଇଟି ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଋଣ ହିଁ ଏକମାତ୍ର ପନ୍ଥା ପାଲଟିଯାଇଛି । ତେବେ ଅଧିକାଂଶ ଋଣ ଗ୍ରହୀତାଙ୍କ ସିବିଲ ସ୍କୋର ଭଲଥିବାରୁ ପରିଶୋଧରେ ବାଧାବନ୍ଧନ ରହିବ ନାହିଁ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆଶା ପ୍ରକଟ କରିଛି ।

ଏବେ ଆମେ ଯିବା ଦେଶର ବାହ୍ୟ ଋଣ ଆଡ଼କୁ । ବିଶ୍ୱ ବ୍ୟାଙ୍କ ଋଣ ତାଲିକାରେ ଭାରତ ଶୀର୍ଷ ସ୍ଥାନରେ ପହଞ୍ଚି ଯାଇଥିବାରୁ ସାନି ଋଣ ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି ହେଉଛି । ଏବେ ଦେଶର ବାହ୍ୟ ଋଣ ୨୪୯ ଲକ୍ଷ କୋଟିରେ ପହଞ୍ଚିଗଲାଣି । ସାଂପ୍ରତିକ ଅର୍ଥନୈତିକ ପରିସ୍ଥିତିରେ ସକରାତ୍ମକ ପରିବର୍ତ୍ତନ ନ ଆସିଲେ ବାହ୍ୟ ଋଣଭାର ଆଗକୁ ବଢିଯିବାର ଆଶଙ୍କା ଉପୁଜିଛି । ୨୦୧୪ରେ ଦେଶର ବାହ୍ୟ ଋଣ ୪୯ ଲକ୍ଷ କୋଟି ଟଙ୍କା ଥିଲା ଓ ତାହା ତତ୍କାଳୀନ ଜିଡିପିର ମାତ୍ର ୨୩ ଶତାଂଶ । ତା'ପୂର୍ବ ଦଶନ୍ଧି ଅର୍ଥାତ୍ ୨୦୦୪ ରେ ଦେଶର ବାହ୍ୟ ଋଣ ସଂପୂର୍ଣ୍ଣ ନିୟନ୍ତ୍ରିତ ଅବସ୍ଥାରେ ଅର୍ଥାତ୍ ସାତଲକ୍ଷ କୋଟି ଟଙ୍କାରେ ସୀମିତ ଥିଲା । ୟୁପିଏ ସରକାରଙ୍କ ଦଶବର୍ଷର ଶାସନରେ ବାହ୍ୟ ଋଣ ୪୨ ଲକ୍ଷ କୋଟି ଟଙ୍କା ବଢିଥିବା ବେଳେ ଏବର ଏନ୍‌ଡିଏ ସରକାର ସେଥିରେ ଦୁଇଶହ ଲକ୍ଷ କୋଟି ଟଙ୍କା ଯୋଡି ଦେଇଛନ୍ତି । ବିଶ୍ୱର ଦ୍ୱିତୀୟ ବୃହତ ରାଷ୍ଟ୍ର ଚୀନର ବାହ୍ୟ ଋଣ ନିୟନ୍ତ୍ରିତ ସ୍ଥିତିରେ ଥିବାସ୍ଥଳେ ପାକିସ୍ତାନ କଥା ନକହିଲେ ଭଲ । ସେ ଦେଶର ସାମଗ୍ରୀକ ଋଣଭାର ଅସମ୍ଭାଳ ସ୍ଥିତିରେ ଥାଇ ସୁଦ୍ଧା ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର କୋହଳ ମନୋଭାବ ଏବେ ବି ଉନ୍ମୁକ୍ତ ରହିଛି ।

ସେ ଯାହା ହେଉନା କାହିଁକି, ଭାରତୀୟ ବାହ୍ୟ ଋଣ ବୃଦ୍ଧିର ବହୁମୁଖୀ କାରଣ ପ୍ରତି ସରକାର ସଚେତନ ରହିବାର ସମୟ ଆସିଛି । ବୃହତ ଘରୋଇ ସଂସ୍ଥାକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଛାଡ଼, ବ୍ୟାଙ୍କ ଶିଳ୍ପରେ ସୃଷ୍ଟ ଅନାଦେୟ ପୁଞ୍ଜି ପରବର୍ତ୍ତୀ ନିଅଣ୍ଟ ଭରଣା ଓ କ୍ଷମତା ହାସଲ ନିଶାରେ ହଜାର ହଜାର କୋଟି ଟଙ୍କାର ନଗଦ ରାଶି ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ ଆଦି ଏହାର ମୁଖ୍ୟ କାରଣ ହୋଇପାରେ । ଖାଦ୍ୟ ସୁରକ୍ଷା ଓ ପେଟକୁ ଦୁଇଓଳି ଖାଦ୍ୟ ପାଉନଥିବା ଗରିବରୁ ଅତି ଗରିବ ଲୋକଙ୍କୁ ଗରୀବି ସୀମାରେଖା ଉପରକୁ ଉଠାଣ ପ୍ରକ୍ରିୟାରେ ବ୍ୟୟ ହେଉଥିବା ଲକ୍ଷଲକ୍ଷ କୋଟି ଟଙ୍କା ବାହ୍ୟ ଋଣ ବୃଦ୍ଧିକୁ ଖୋରାକ ଯୋଗାଉଛି । ରାଜ୍ୟ ନିର୍ବାଚନରେ କ୍ଷମତା ଦଖଲ ସରକାରୀ ଦଳର ମୁଖ୍ୟ ଲକ୍ଷ୍ୟ ହୋଇଥିବାରୁ ଅଧିକ ପୁଞ୍ଜି ଯୋଗାଣ ଋଣ ବୃଦ୍ଧିର ଅନ୍ୟତମ କାରଣ ଯେ ନ ପାଲଟିଛି ତାହାକୁ ସ୍ୱୀକାର କରି ହେଉନାହିଁ । ଆଗାମୀ ମାସରେ ବିହାର ବିଧାନସଭାର ନିର୍ବାଚନ ହେବାକୁ ଯାଉଛି । ସରକାରୀ ଓ ବିରୋଧୀ ଦଳ କ୍ଷମତା ହାସଲ କରିବାକୁ ଅଣ୍ଟା ଭିଡିବା ସ୍ୱାଭାବିକ । ମାତ୍ର ଏନ୍‌ଡିଏ ସରକାରଙ୍କ ଇତିମଧ୍ୟରେ କୋଟିଏ ମହିଳାଙ୍କ ବ୍ୟାଙ୍କ ଖାତାକୁ ନଗଦ ଦଶହଜାର କୋଟି ଟଙ୍କା ପଠାଇବାର ଆବଶ୍ୟକତା କାହିଁକି ହଠାତ୍ ଦେଖାଦେଲା, ତାହା ଜଣା ପଡୁନାହିଁ । ରାଜ୍ୟରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ବଣ୍ଟାଯାଇଥିବା ଏତେ ପରିମାଣର ନଗଦ ରାଶି ଆସିଲା କେଉଁଠୁ ? ତେବେ ନୀତି ଆୟୋଗର କେଉଁ ଯୋଜନାରେ ଏସବୁ ନିର୍ଦ୍ଧାରିତ ହୋଇଥିଲା ତାହା ନିର୍ଦ୍ଧାରକ ଓ ଉଭୟ କେନ୍ଦ୍ର ଓ ରାଜ୍ୟର ଭାଗୀଦାରୀ ସରକାରଙ୍କୁ ବେଶ୍ ଜଣା । ରାଜ୍ୟ ନିର୍ବାଚନର କେଇ ମାସ ପୂର୍ବରୁ ମହିଳାମାନେ ଦଶହଜାର ଟଙ୍କାର ନଗଦ ରାଶି ଅନାୟସରେ ପାଇ କେତେ ସ୍ୱାବଲମ୍ବୀ ପାଲଟିଯିବେ, ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଯିବା କିଛି ନୂଆ କଥା ନୁହେଁ । ସେହି ବିପୁଳ ଅର୍ଥକୁ ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରାଯାଇଥିଲେ ହୁଏତ ବିକାଶର ସ୍ୱାଦ ପ୍ରତି ରାଜ୍ୟବାସୀଙ୍କୁ ମିଳିବାରେ ପ୍ରତିବନ୍ଧକ ରହି ନଥାନ୍ତା । ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ବଣ୍ଟାଯାଉଥିବା ଅର୍ଥ ମାନବୀୟ ଉତ୍ପାଦିକତା ହ୍ରାସ ଘଟାଇବା ସହ ମୁଣ୍ଡପିଛା ଋଣଭାର ବୃଦ୍ଧି ଲାଗି ଖୋରାକ ଯୋଗାଇବନି ତ ଆଉ କ'ଣ ହୋଇପାରେ!

ଦେଶରେ ଅଣଯୋଜନା ବ୍ୟୟଭାର ବୃଦ୍ଧି ସକରାତ୍ମକ ଲକ୍ଷ୍ୟରେ ପହଞ୍ଚିଲେ ହୁଏତ ସାମାଜିକ ଓ ଆର୍ଥିକ ସମତା ହାସଲ ପ୍ରକ୍ରିୟା ସହଜ ଏବଂ ସରଳ ହୋଇପାରିବ । ମାତ୍ର ରାଜନୈତିକ ଲକ୍ଷ୍ୟ ହାସଲ ଅଭିଳାଷ ଦେଶବାସୀଙ୍କ ପାଦତଳୁ ମାଟି ଖସାଇବାରେ ଯେ ସହାୟକ ହେବ ଏଥିରେ ଦ୍ୱିମତ ନାହିଁ ।

ବିଶ୍ୱବ୍ୟାଙ୍କ ଋଣ ତାଲିକାର ପ୍ରଥମ ଦଶଟି ରାଷ୍ଟ୍ର ମଧ୍ୟରେ ଭାରତ ୨୪ ବିଲିଅନ ଡଲାରରୁ ଅଧିକ ଋଣ ନେଇ ଶୀର୍ଷରେ ରହିଛି । ମାତ୍ର ବିଶ୍ୱର ଦ୍ୱିତୀୟ ବୃହତ ଶକ୍ତିଶାଳୀ ଦେଶ ଚୀନ ୧୪ ବିଲିଅନ ଡଲାରରୁ ସାମାନ୍ୟ ଅଧିକ ଋଣ ନେଇ ସପ୍ତମ ସ୍ଥାନରେ ପହଞ୍ଚିଛି । ଭାରତ ପରେ ଇଣ୍ଡୋନେସିଆ ଓ ଯୁଦ୍ଧ କ୍ଷତିଗ୍ରସ୍ତ ଦେଶ ୟୁକ୍ରେନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତାଲିକାର ଦଶମ ସ୍ଥାନରେ ରହିଛି ଆର୍ଜେଣ୍ଟିନା ।

ଭାରତରେ ଆଭ୍ୟନ୍ତରୀଣ ଋଣ ବୃଦ୍ଧିର ଆଉ ଏକ ପ୍ରମୁଖ କାରଣ ହେଲା ଆୟ କ୍ଷେତ୍ରର ଚରମ ଅସମତା । ଦେଶରେ ମାତ୍ର ଏକ ପ୍ରତିଶତ ଧନୀ ଓ ଅତି ଧନୀଙ୍କ ହାତରେ ୪୦ ପ୍ରତିଶତ ଆୟ ସୁବିଧା ରହିଛି । ଦେଶର ସମଗ୍ର ସମ୍ପତ୍ତିର ଷାଠିଏ ଭାଗ ସେହି ହାତଗଣତି ଧନୀଙ୍କ ଅକ୍ତିଆରରେ ଥିବା ବେଳେ ଅବଶିଷ୍ଟ ଚାଳିଶ ଭାଗ ସମ୍ପତ୍ତି ୯୯ ପ୍ରତିଶତ ଲୋକଙ୍କ ପାଖରେ ରହିଛି । ନହେଲେ ବୃହତ ଶିଳ୍ପପତି ଆଦାନୀ ଓ ଆମ୍ବାନୀ ଗୋଷ୍ଠୀର ସାମଗ୍ରୀକ ବିକାଶଧାରା ଯଥାକ୍ରମେ ୬୫ ପ୍ରତିଶତରୁ ଅଧିକ ହୋଇନଥାନ୍ତା । ସେହିପରି ଆଉ ଜଣେ ବିଶିଷ୍ଟ ଯୋଗଗୁରୁଙ୍କ ସମ୍ପତ୍ତିର ବିକାଶ ୧୭୩ ପ୍ରତିଶତରେ ପହଞ୍ଚିଛି । ଏ କ୍ଷେତ୍ରରେ ରାଜନେତାଙ୍କ ସମ୍ପତ୍ତିର ଅଭିବୃଦ୍ଧି କଥା ନ କହିଲେ ଭଲ । ଘରୋଇ କ୍ଷେତ୍ରରେ ସର୍ବୋଚ୍ଚ ବେତନଭୋଗୀ କର୍ମଚାରୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସରଙ୍କ ବେତନରେ ପ୍ରତିବର୍ଷ କୋଡ଼ିଏ ପ୍ରତିଶତରୁ ଉର୍ଦ୍ଧ୍ୱ ବୃଦ୍ଧି ପାଉଥିବା ବେଳେ ସାଧାରଣ କର୍ମଚାରୀ ଦଶରୁ ବାର ପ୍ରତିଶତ ବୃଦ୍ଧିରେ ରହୁଛନ୍ତି । ମୁଦ୍ରାସ୍ଫୀତି, ଦରବୃଦ୍ଧି ଓ ଟିକସ ପୈଠ ଚାପରେ ପ୍ରଭାବିତ ଏହି ସଂଖ୍ୟାଗରିଷ୍ଠ ଶ୍ରେଣୀ ମୌଳିକ ଆବଶ୍ୟକତା ପୂରଣ ପାଇଁ ଋଣାଭିମୁଖୀ ହେବାକୁ ବାଧ ହେଉଛନ୍ତି । ଠିକଣା ସମୟରେ ଋଣ ପରିଶୋଧ କରି ଦ୍ୱିତୀୟ ଜରୁରୀ ଆବଶ୍ୟକତା ପୂରଣ ପାଇଁ ସାନି ଋଣ ନେବାକୁ ସେହି ଗୋଷ୍ଠୀ ପସନ୍ଦ କରୁଛି । ଏହି ପରିସ୍ଥିତିରେ ଦେଶର ଆଭ୍ୟନ୍ତରୀଣ ଋଣ ପରିମାଣ ଓ ମୁଣ୍ଡପିଛା ଋଣବୋଝ ନ ବଢିବ ବା କିପରି ?

ଦୀର୍ଘ ଆଠବର୍ଷର ପରୋକ୍ଷ ଟିକସ ବୋଝ ବୋହିବା ପରେ କେନ୍ଦ୍ର ସରକାର ଏବେ ଜିଏସ୍‌ଟି ବ୍ୟବସ୍ଥାରେ ସଂସ୍କାର ଆଣିଛନ୍ତି । ଦୀର୍ଘଦିନ ହେଲା ଟିକସ ପୈଠ ଜନିତ କଷଣ ଭୋଗୁଥିବା ଦେଶବାସୀଙ୍କ ମନ ତୋଷିବା ଲାଗି ସରକାର କୁଆଡ଼େ ଦୀପାବଳୀ ଭେଟି ଦେଇଛନ୍ତି ବୋଲି ପ୍ରଚାର କରୁଛନ୍ତି ଓ କରିଛନ୍ତି ମଧ୍ୟ । ଟିକସ ହାର ହ୍ରାସ ସ୍ଥିତି ବଜାରରେ ଚାହିଦା ବଢାଇବ ଓ ବର୍ଦ୍ଧିତ ଚାହିଦା ଜିଡିପି ବୃଦ୍ଧି ମାଧ୍ୟମରେ ଦେଶର ଅର୍ଥନୈତିକ ଶକ୍ତିକୁ ଆହୁରି ମଜବୁତ କରିବାର ଆଶା ରଖାଯାଇଛି । ମୂଲ୍ୟହ୍ରାସ ଉପଭୋକ୍ତାଙ୍କ ଚାହିଦା ବୃଦ୍ଧି ପାଇଁ ଋଣ ପରିମାଣକୁ ଯେ ନ ବଢାଇବ ସେ କଥା କିଏ କହିବ । ଦୁଇଚକିଆ ଯାନ ବ୍ୟବହାର କରୁଥିବା କର୍ମଚାରୀ ମୂଲ୍ୟହ୍ରାସ ଯୋ ଚାରିଚକିଆ ଯାନ କିଣିବାକୁ ବ୍ୟାଙ୍କରଋଣର ସହାୟତା ଯେ ନ ନେବ, ସେ ଗ୍ୟାରେଣ୍ଟି କିଏ ଦେବ ? ବାହ୍ୟଋଣ ପରିଶୋଧ କରିବା ଦାୟିତ୍ୱ ପରବର୍ତ୍ତୀ ସରକାରଙ୍କ ଉପରେ ପଡିବ ସିନା, ହେଲେ ବ୍ୟକ୍ତିଗତ ଋଣ ପରିଶୋଧ ଦାୟିତ୍ୱ ହସ୍ତାନ୍ତରର ପ୍ରଶ୍ନ ନାହିଁ । ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ନ ଘଟିଲେ ଋଣଗ୍ରହୀତାଙ୍କୁ ସାନି ଋଣ କରି ପୁରୁଣା କରଜ ସୁଝିବାକୁ ପଡିବାର ସମୟ ଆସିଯିବ ।


*ସିଡିଏ, ସେକ୍ଟର–୬, କଟକ,*
*ମୋ– ୯୪୩୭୧୩୪୪୦୦*


# ଦୀପାବଳୀ ଓ ଧନତ୍ରୟୋଦଶୀ

**■ ଡ. ଅମୂଲ୍ୟ କୁମାର ପଣ୍ଡା ■**

ଆମର ବାରମାସରେ ତେର ପର୍ବ ମଧ୍ୟରୁ ଆଲୋକର ପର୍ବ ଦୀପାବଳୀକୁ ନେଇ ଘରେ ଘରେ ଆନନ୍ଦ ପରିଲକ୍ଷିତ ହୋଇଥାଏ । ତେବେ ଦୀପାବଳି ପୂର୍ବରୁ ଧନତେରସ ପାଳନ କରାଯିବାର ଏକ ବିଧି ରହିଛି । ହେଲେ ଏହି ଧନତେରସ କାହିଁକି ପାଳନ କରାଯାଏ ସେ କଥା ହୁଏତ କେତେକେ ଜାଣି ନ ଥିବେ । କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଧନତେରସ ପାଳନ କରାଯାଇଥାଏ । ଏହିଦିନ ଧନ୍ୱନ୍ତରୀଙ୍କ ଜନ୍ମ ହୋଇଥିଲା ବୋଲି ବିଶ୍ୱାସ ରହିଛି । ସେଥିପାଇଁ ଏହାକୁ ଧନତେରସ କୁହାଯାଏ । ଏହିଦିନ ମା' ଲକ୍ଷ୍ମୀ ଓ କୁବେରଙ୍କ ପୂଜା କରାଯାଏ । ଏପରି କଲେ ଘରେ ଅଭାବ ରୁହେନାହିଁ ବୋଲି ବିଶ୍ୱାସ ରହିଛି । ତେବେ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ଭଗବାନ ଧନ୍ୱନ୍ତରୀ ଏହିଦିନ ସମୁଦ୍ର ମନ୍ଥନ ସମୟରେ ସୁନା କଳସ ନେଇ ପ୍ରକଟ ହୋଇଥିଲେ । ଆଉ ସେହି କଳସରେ ଥିବା ଅମୃତ ପାନ କରି ଦେବାତାମାନେ ଅମର ହୋଇ ଯାଇଥିଲେ । ଏହାର ୨ଦିନ ପରେ ମା'ଲକ୍ଷ୍ମୀଙ୍କର ପ୍ରକଟ ହୋଇଥିବା କୁହାଯାଏ । ତେଣୁ ଦୀପାବଳୀର ୨ ଦିନ ପୂର୍ବରୁ ଧନତେରସ ପାଳନ କରାଯାଇଥାଏ । ଆହୁରି ମଧ୍ୟ କୁହାଯାଏ ଧନ୍ୱନ୍ତରୀ ଦେବତାଙ୍କର ବୈଦ୍ୟ ଥିଲେ । ତେଣୁ ଧନ୍ୱନ୍ତରୀଙ୍କୁ ପୂଜାକଲେ ଶରୀର ସୁସ୍ଥ ରହିଥାଏ । ଧନତେରସ ଦିନ ଯମ ଦୀପଦାନ କରିବାର ମହତ୍ତ୍ୱ ହେଉଛି ଏହିଦିନ ଯମଙ୍କୁ ପୂଜା କରାଯାଇଥାଏ । ଏହି ଦୀପ ମଣିଷ ଜୀବନର ଅକାଳ ମୃତ୍ୟୁର ଭୟକୁ ଦୂର କରେ ଏବଂ ପରିବାରର ସ୍ୱାସ୍ଥ୍ୟ ଓ ଆୟୁ ଶୁଭ କରେ । ଜ୍ୟୋତିଷ ଓ ପାରମ୍ପରିକ ମାନ୍ୟତା ଅନୁଯାୟୀ, ଯମ ଦୀପଦାନକୁ କେବେ ମଧ୍ୟ ଖାଲି ରଖି ଜଳାଇବା ଉଚିତ୍ ନୁହେଁ । ଏହାର ଭିତରେ ଗୋଟେ ସୁପାରି (ଗୁଆ), ଗୋଟେ ହଳଦିଆ କଉଡ଼ି, ଏବଂ ଗୋଟେ (ପଇସା) ରଖାଯାଏ । ଏହି ତିନିଟି ଜିନିଷ ସମୃଦ୍ଧି, ଆୟୁ ଓ ଶୁଭ ଫଳର ପ୍ରତୀକ ବୋଲି ମନାଯାଇଥାଏ । ଏହି ଦୀପଦାନ ମାନବ ଜୀବନରୁ ଅକାଳ ମୃତ୍ୟୁକୁ ଦୂର କରେ । ତା' ସହିତ ଯମରାଜଙ୍କ ନିକଟରେ ଘରେ ସମସ୍ତଙ୍କ ଦୀର୍ଘାୟୁ ଓ ଭଲ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରାଯାଏ । ଏହି ଦୀପ ଜଳାଇଲେ ଅଶୁଭ ଦୃଷ୍ଟି ଓ ଅଶୁଭ ଶକ୍ତି ଘର ପାଖ ମାଡ଼ିବେ ନାହିଁ । ଧନ୍ୱନ୍ତରୀ ଦେବ ଆୟୁର୍ବେଦର ଜନକ ଭାବେ ପରିଚିତ । ତେଣୁ ଏହି ଦିନ ଅନେକ ଚିକିତ୍ସକ ଓ ଆୟୁର୍ବେଦ ଗୁରୁମାନେ ତାଙ୍କ ପୂଜା କରନ୍ତି । ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ଏହି ପୂଜା କରାଯାଏ । ଧନତେରସ କେବଳ ଧନ କିମ୍ବା ସୁନା କିଣିବା ଦିନ ନୁହେଁ, ଏହା ଆମକୁ ଶିଖାଏ ଯେ ସତ୍ୟ ଧନ ହେଉଛି ସ୍ୱାସ୍ଥ୍ୟ, ସଦାଚାର ଓ ସମ୍ପୂର୍ଣ୍ଣ ଜୀବନ । ଏହି ଦିନ ଆମେ ଆଲୋକ ଦ୍ୱାରା ଅନ୍ଧକାରକୁ ଦୂର କରି, ନିଜ ମନରେ ଶୁଭଚିନ୍ତା ଓ ସମୃଦ୍ଧି ଆଣିବା ଶିଖିଥାଉ ।

ପୁରାଣ ଅନୁସାରେ ସମୁଦ୍ର ମନ୍ଥନ ସମୟରେ ଶ୍ରୀ ଧନ୍ୱନ୍ତରୀ ଦେବ ଅମୃତ ଘଟ ସହିତ ଉପସ୍ଥିତ ହେଇଥିଲେ । ସେ ଦେବତାମାନଙ୍କୁ ଜୀବନ ଓ ସ୍ୱାସ୍ଥ୍ୟ ଦାନ କରିଥିଲେ । ତେଣୁ ଧନତେରସ ଦିନରେ ଧନ୍ୱନ୍ତରୀ ଦେବଙ୍କ ପୂଜା କରି ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ଅନେକ ଜଣ ପ୍ରାର୍ଥନା କରନ୍ତି । ଅନ୍ୟ ଦିଗରୁ, ଏହି ଦିନ ଲକ୍ଷ୍ମୀ ଦେବୀଙ୍କୁ ମଧ୍ୟ ସମ୍ପଦ ଓ ଧନର ପ୍ରତୀକ ଭାବେ ପୂଜା କରାଯାଏ । ମନେ କରାଯାଏ ଯେ ଯେଉଁ ଘରେ ଏହି ଦିନ ଲକ୍ଷ୍ମୀ ପୂଜା କରାଯାଏ, ସେଠି ଧନ ସମୃଦ୍ଧି ରହେ ଓ ଦୁର୍ଭିକ୍ଷ ଦୂର ହୁଏ । ତେବେ ଅନ୍ୟ କିଛି ଶାସ୍ତ୍ର ଅନୁଯାଇ ଧନତେରଶରେ ୧୩ ଦୀପ ଜଳାଇବା ଦ୍ୱାରା ଧନ, ସମୃଦ୍ଧି ଓ ସ୍ୱାସ୍ଥ୍ୟ ପ୍ରାପ୍ତି ହୋଇଥାଏ, ଏହା ଗୋଟିଏ ପାରମ୍ପରିକ ଉପାୟ ଏହା କରିବା ଦ୍ୱାରା ମା ଲକ୍ଷ୍ମୀ ଓ କୁବେର ଦେବତା ସନ୍ତୁଷ୍ଟ ହୁଅନ୍ତି । କୁବେରଙ୍କୁ ଦୀପ ଅର୍ପଣ କରିବା ପରେ ଗୋଟା ଗୁଆ, ଗୋଟା ନଡ଼ିଆ, ଧୂପ, ଦୀପ, ଚନ୍ଦନ ସିନ୍ଦୂର ଓ ପଦ୍ମ ଫୁଲ ଦେଇ ବିଧିବିଧାନ ଭାବରେ ପୂଜା କରାଯାଇଥାଏ । ଘରର ମୁଖ୍ୟ ଦ୍ୱାରରେ ହଳଦୀ ଓ ଚାଉଳର ମିଶ୍ରଣ ପ୍ରସ୍ତୁତ କରି ଓଁ ଲେଖି ଏବଂ ମା' ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ । ଏହାଦ୍ୱାରା ସୁଖ ସମୃଦ୍ଧିର ଆଗମନ ହୋଇଥାଏ ବୋଲି ବିଶ୍ୱାସ ରହିଛ । ଏବଂ ଏହା ସହିତ ଦକ୍ଷିଣ ବର୍ତ୍ତି ଶଙ୍ଖକୁ ଜଳ ଭରି ରଖାଯାଏ ଓ ନାଲି କପଡାଟିଏ ଘୋଡାଇ ତା' ଉପରେ ତୁଳସୀ, ଚାଉଳ, ହଳଦୀ ଏବଂ ଫୁଲ ଅର୍ପଣ କରାଯାଏ । ଏହା ଦ୍ୱାରା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି । ଏହି ଦିନ ସୁନା, ଚାନ୍ଦି କିମ୍ବା ନୂତନ ପାତ୍ର କିଣିବାକୁ ଶୁଭ ମନାଯାଏ । ଏହା ଧନ ଲାଭ ଓ ସମୃଦ୍ଧିର ପ୍ରତୀକ । ଅନେକ ଲୋକ ଏହି ଦିନ ଗାଡ଼ି, ଜମି କିମ୍ବା ନୂତନ ବସ୍ତୁ କିଣି ସେଗୁଡ଼ିକୁ ଲକ୍ଷ୍ମୀ ଦେବୀଙ୍କ ପାଖରେ ଅର୍ପଣ କରନ୍ତି । ଧନତେରସ ମଧ୍ୟ ବ୍ୟବସାୟୀ ମାନଙ୍କ ପାଇଁ ଗୁରୁତ୍ୱ, କାରଣ ଏହି ଦିନ ଅନେକ ବ୍ୟବସାୟୀମାନେ ତାଙ୍କର ନୂତନ ବର୍ଷ ଆରମ୍ଭ କରନ୍ତି । ବହୁଜଣ ନୂତନ ହିସାବ ଖାତା ଆରମ୍ଭ କରି ଶୁଭ ଲାଭ ଲେଖନ୍ତି । ଧନତେରସ ହେଉଛି ଧନ, ସଫଳତା ଓ ବ୍ୟବସାୟିକ ସମୃଦ୍ଧିର ଦିନ ।


ଧାର୍ମିକ ଗ୍ରନ୍ଥ ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ । କିମ୍ବଦନ୍ତୀ ଅନୁଯାୟୀ, ଧନ୍ୱନ୍ତରୀ ହିଁ ଅମୃତ କଳସ ନେଇ ବାହାରକୁ ଆସିଥିଲେ ଯେଉଁଥି ପାଇଁ ସମୁଦ୍ର ମନ୍ଥନ କରାଯାଇଥିଲା । ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା । ତେଣୁ ଧନ୍ୱନ୍ତରୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ । ବିଶ୍ୱାସ କରାଯାଏ ଯେ ତାଙ୍କୁ ପୂଜା କଲେ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ ଏବଂ ଆରୋଗ୍ୟତା ପ୍ରାପ୍ତ ହୁଏ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଯେତେବେଳେ ଧନ୍ୱନ୍ତରୀ ହେଉଛନ୍ତି ଆରୋଗ୍ୟର ଦେବତା ଯିଏ ଦେବତାଙ୍କୁ ଆରୋଗ୍ୟତା ପ୍ରଦାନ କରନ୍ତି ତେବେ ତାଙ୍କୁ ଧନତେରସ ଦିନ କାହିଁକି ପୂଜା କରାଯାଏ ? କିମ୍ବଦନ୍ତୀ ଅନୁଯାୟୀ, ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା । ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ । ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ ପାଳିତ ହେଲା । ତେଣୁ ଧନତେରସ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ । ଏହି ତିଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିବାରୁ ଧନତେରସକୁ ଧନତ୍ରୟୋଦଶୀ କିମ୍ବା ଧନ୍ୱନ୍ତରୀ ଜୟନ୍ତୀ ଭାବରେ ପାଳନ କରାଯାଏ ।


*ଅରଙ୍ଗାବାଦ ବରୀ ଯାଜପୁର*
*ମୋ. ୯୯୩୮୯୦୬୦୭୦*


# ଆୟୁର୍ବେଦର ଜନକ ଭଗବାନ ଧନ୍ୱନ୍ତରୀ ଓ ଉପାସନା

**■ ଡ. ଅରୁନ୍ଧତୀ ଦେବୀ ■**

ଧନ୍ୱନ୍ତରୀଙ୍କୁ ହିନ୍ଦୁ ଧର୍ମରେ ଦେବବୈଦ୍ୟର ମାନ୍ୟତା ଦିଆଯାଇଛି । ମହାନ ଚିକିତ୍ସକ ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ଅବତାର ଥିଲେ । ଦେବ ଏବଂ ଦାନବ ମିଶି ସମୁଦ୍ର ମନ୍ଥନ କରିବା ସମୟରେ କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଭଗବାନ ଧନ୍ୱନ୍ତରୀ ସମୁଦ୍ର ମନ୍ଥନରୁ ପ୍ରକଟ ହୋଇଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ, ଶରତ ପୂର୍ଣ୍ଣିମାରେ ଚନ୍ଦ୍ରଦେବ, କାର୍ତ୍ତିକ ଦ୍ୱାଦଶୀରେ କାମଧେନୁ, ତ୍ରୟୋଦଶୀରେ ଧନ୍ୱନ୍ତରୀ, ଚତୁର୍ଦ୍ଦଶୀରେ କାଳୀ ମାତା ଏବଂ ଅମାବାସ୍ୟାରେ ଭଗବତୀ ଲକ୍ଷ୍ମୀ ସାଗର ମନ୍ଥନରୁ ପ୍ରକଟ ହୋଇଥିଲେ। ଏହି କାରଣରୁ ଦୀପାବଳିର ଦୁଇ ଦିନ ପୂର୍ବରୁ ଧନ୍‌ତେରସ୍ ଦିନ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଏହି ଦିନ ହିଁ ଭଗବାନ ଧନ୍ୱନ୍ତରୀ ଆୟୁର୍ବେଦର ସୃଷ୍ଟି କରିଥିବା ଜଣାଯାଏ। ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ରୂପ ହୋଇଥିବାରୁ ତାଙ୍କର ଚାରି ବାହୁ ରହିଛି। ସେ ଦୁଇ ବାହୁରେ ଶଙ୍ଖ ଏବଂ ଚକ୍ର ଧାରଣ କରିଥାନ୍ତି। ଅନ୍ୟ ଦୁଇ ବାହୁରେ ଯଥାକ୍ରମେ ଔଷଧ ଏବଂ ଅମୃତ କଳସ ଧାରଣ କରିଥାନ୍ତି। ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ହେଉଛି ପିଳ। ସେଥିପାଇଁ ଧନତେରସ ଦିନ ପିତ୍ତଳ ଧାତୁ କ୍ରୟ କରିବାର ପରମ୍ପରା ରହିଛି। ଧନ୍ୱନ୍ତରୀଙ୍କୁ ଆୟୁର୍ବେଦ ଚିକିତ୍ସାର ସ୍ରଷ୍ଟା ତଥା ଆରୋଗ୍ୟ ଦେବତା ରୂପେ ଉପାସନା କରାଯାଇଥାଏ। ସେ ହିଁ ଅମୃତମୟ ଔଷଧିର ଅନୁସନ୍ଧାନ କରିଥିଲେ । ଦ୍ୱାପର ଯୁଗରେ ଧନ୍ୱନ୍ତରୀ ପୁନଃ ଧରାପୃଷ୍ଠରେ ଜନ୍ମ ନେଇଥିଲେ। ତାଙ୍କରି ବଂଶରେ ଦିବୋଦାସ ଜନ୍ମ ନେଇଥିଲେ । ସେ କାଶୀ ଠାରେ ଶଲ୍ୟ ଚିକିତ୍ସାର ବିଶ୍ୱର ପ୍ରଥମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହି ବିଶ୍ୱବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ଥିଲେ ମହାନ ଆୟୁର୍ବେଦ ଚିକିତ୍ସକ ଶୁଶ୍ରୁତ । ଶୁଶ୍ରୁତ ଥିଲେ ଦିବୋଦାସଙ୍କର ଶିଷ୍ୟ ଏବଂ ଋଷି ବିଶ୍ୱାମିତ୍ରଙ୍କ ପୁତ୍ର। ସେ ସୁଶ୍ରୁତ ସଂହିତାର ରଚନା କରିଥିଲେ। ସୁଶ୍ରୁତଙ୍କୁ ବିଶ୍ୱର ପ୍ରଥମ ପ୍ରଥମ ଶଲ୍ୟ ଚିକିତ୍ସକ କୁହାଯାଏ। ଦୀପାବଳି ପୂର୍ବରୁ କାର୍ତ୍ତିକ ତ୍ରୟୋଦଶୀ ତିଥିରେ ଧନ୍‌ତେରାସ ଦିନ ଭଗବାନ ଧନ୍ୱନ୍ତରୀଙ୍କୁ ପୂଜା କରିବା ଦ୍ୱାରା ଆୟୁ



ତଥା ଆରୋଗ୍ୟ ପ୍ରାପ୍ତ ହୋଇଥାଏ। ଭଗବାନ ଶଙ୍କର ବିଷପାନ କରିଥିଲେ, ଧନ୍ୱନ୍ତରୀ ଅମୃତ ପ୍ରଦାନ କରିଥିଲେ। ଏହି ଦୁଇ ଦେବତାଙ୍କ ଦ୍ୱାରା ପବିତ୍ର କାଶୀ ନଗରୀ କାଳଜୟୀ ହୋଇଥିଲା ।

ଭଗବାନ ଧନ୍ୱନ୍ତରୀ ସମସ୍ତ ରୋଗର ନିବାରଣ ତଥା ଚିକିତ୍ସା କରିପାରୁଥିଲେ । ସେ ଭରଦ୍ୱାଜଙ୍କ ଠାରୁ ଆୟୁର୍ବେଦ ଶିକ୍ଷା ଗ୍ରହଣ କରି ତାହାକୁ ଅଷ୍ଟାଙ୍ଗ ମାର୍ଗରେ ବିଭକ୍ତ କରିଥିଲେ। ଏହାପରେ ଏହି ବିଦ୍ୟା ସେ ନିଜ ଶିଷ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ବୈଦିକ କାଳରେ ଅଶ୍ୱିନୀ କୁମାର ମାନଙ୍କୁ ଯେଉଁ ମହତ୍ତ୍ୱ ଏବଂ ସ୍ଥାନ ପ୍ରାପ୍ତ ହୋଇଥିଲା ପୌରାଣିକ କାଳରେ ଧନ୍ୱନ୍ତରୀଙ୍କୁ ସେଭଳି ଗୁରୁତ୍ୱ ଦିଆଯାଇଥିଲା। ଅଶ୍ୱିନୀ କୁମାରଙ୍କ ହାତରେ ମଧୁ କଳସ ଥିଲା। ଭଗବାନ ଧନ୍ୱନ୍ତରୀଙ୍କ ହାତରେ ଅମୃତ କଳସ ରହିଥିଲା। ଭଗବାନ ବିଷ୍ଣୁ ସମଗ୍ର ସଂସାରର ପାଳନର୍କା। ତାଙ୍କ ଅବତାର ହୋଇଥିବା କାରଣରୁ ଭଗବାନ ଧନ୍ୱନ୍ତରୀ ମାନବ ସମାଜକୁ ସମସ୍ତ ପ୍ରକାରର ରୋଗରୁ ମୁକ୍ତି ଦେଇଥାନ୍ତି। ଏହି କାରଣରୁ ସେ ବିଷ୍ଣୁଙ୍କ ଅଂଶ ରୂପରେ ପଜା ପାଉଛନ୍ତି। ବିଷ ବିଦ୍ୟା ସମ୍ବନ୍ଧରେ ମହାଭାରତରେ ତକ୍ଷକ ଏବଂ ମହର୍ଷି କଶ୍ୟପଙ୍କ ମଧ୍ୟରେ ଯେଉଁ ଆଲୋଚନା ରହିଛି, ଠିକ୍ ସେହିପରି ଆଲୋଚନା ଧନ୍ୱନ୍ତରୀ ଏବଂ ନାଗଦେବୀ ମନସାଙ୍କ ମଧ୍ୟରେ ହୋଇଥିବା ବ୍ରହ୍ମବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି । ଧନ୍ୱନ୍ତରୀଙ୍କୁ ଗରୁଡ଼ଙ୍କ ଶିଷ୍ୟ ମଧ୍ୟ କୁହାଯାଏ । ଭଗବାନ ଧନ୍ୱନ୍ତରୀଙ୍କ ସାଧନା ନିମନ୍ତେ ସହଜ ମନ୍ତ୍ରଟି ହେଉଛି 'ଓଁ ଧନ୍ୱନ୍ତରୟେ ନମଃ' ଏହା ବ୍ୟତୀତ 'ଓଁ ନମୋ ଭଗବତେ ମହାସୁଦର୍ଶନାୟ ବାସୁଦେବାୟ ଧନ୍ୱଂତରାୟେଃ, ଅମୃତ କଳସ ହସ୍ତାୟ ସର୍ବଭୟ ବିନାଶାୟ ସର୍ବରୋଗନିବାରଣାୟ। ତ୍ରିଲୋକପଥାୟ ତ୍ରିଲୋକନାଥାୟ ଶ୍ରୀ ମହାବିଷ୍ଣୁସ୍ୱରୂପ, ଶ୍ରୀ ଧନ୍ୱନ୍ତାରୀ ସ୍ୱରୂପ ଶ୍ରୀ ଶ୍ରୀ ଶ୍ରୀ ଔଷଧଚକ୍ର ନାରାୟଣାୟ ନମଃ।' ଅର୍ଥାତ୍ ହେ ପରମଭଗବାନ, ହେ ସୁଦର୍ଶନ ବାସୁଦେବ ଧନ୍ୱନ୍ତରୀ, ହେ ଅମୃତକଳସଧାରୀ, ସର୍ବଭୟନାଶକ, ସର୍ବରୋଗନାଶକ, ତିନି ଲୋକର ସ୍ୱାମୀ, ତିନିଲୋକର ସଞ୍ଚାଳନକାରୀ, ହେ ବିଷ୍ଣୁସ୍ୱରୂପ ଧନ୍ୱନ୍ତରୀ ଆପଣଙ୍କୁ ପ୍ରଣାମ। ଏହି ମନ୍ତ୍ର ଜପ କରି ଧନ୍‌ତେରସ ଦିନ ଧନ୍ୱନ୍ତରୀଙ୍କୁ ଉପାସନା କରାଯାଇପାରିବ ।


*ମୋ. ୯୯୩୭୧୭୨୮୧୦*


# ନରକ ଚତୁର୍ଦ୍ଦଶୀ

**■ ଡ. ତପନ କୁମାର ପାଲ ■**

ନରକ ଚତୁର୍ଦ୍ଦଶୀରେ ଯମରାଜଙ୍କୁ ପୂଜା କରାଯାଇଥାଏ । ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାମନ ଭଗବାନ ତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନରକ ଚତୁର୍ଦ୍ଦଶୀରେ ଦୀପଦାନ କରୁଥିବା ବ୍ୟକ୍ତିକୁ ଯମଯାତନା ମିଳିବ ନାହିଁ, ଲକ୍ଷ୍ମୀ ଛାଡ଼ି ଯିବେ ନାହିଁ ଏବଂ ସର୍ବଦା ତାଙ୍କ ଉପରେ ଭଗବାନ ବିଷ୍ଣୁଙ୍କ କୃପା ରହିବ । ବାମନ ଭଗବାନଙ୍କ ଆଶୀର୍ବାଦ କ୍ରମେ ଏହି ଦିନ ନରକ ଚତୁର୍ଦ୍ଦଶୀ ନାମରେ ଖ୍ୟାତ ହେଲା । ଏହି ପବିତ୍ର ତିଥିରେ ଯମରାଜ ଏବଂ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଦୀପ ଜଳାଯାଇଥାଏ । ଏହି ଦିନ ଯମରାଜଙ୍କ ପୂଜା କରୁଥିବା ବ୍ୟକ୍ତି ନରକ ଯାତନା ଭୋଗେ ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ଆଉ ଏକ ଆଖ୍ୟାନ ଅନୁଯାୟୀ ନରକ ଚତୁର୍ଦ୍ଦଶୀ ଦିନ ଭଗବାନ କୃଷ୍ଣ ନରକାସୁରର ବଧ କରିଥିଲେ ଏବଂ ତା'କବଳରୁ ୧୬ ହଜାର ୧୦୦ କନ୍ୟାଙ୍କୁ ମୁକୁଳାଇଥିଲେ । ନରକ ଚତୁର୍ଦ୍ଦଶୀ ଦିନକୁ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟରେ କାଳୀ ଚୌଦସ୍ ନାମରେ ପାଳନ କରାଯାଏ । ଗୋଆରେ ଏହି ଦିନ ନର୍କାସୁରର ପ୍ରତିମା ନିର୍ମାଣ କରାଯାଇ ଜଳାଯାଇଥାଏ । ବଙ୍ଗରେ ଏହି ପର୍ବ କାଳୀ ଚୌଦସ ବା ଦେବୀ କାଳୀଙ୍କ ଜନ୍ମ ଦିବସ ରୂପରେ ପାଳନ କରାଯାଇଥାଏ । ନରକ ଚତୁର୍ଦ୍ଦଶୀରେ ମୃତ୍ୟୁର ଦେବତା ଯମରାଜା, ମା'କାଳୀ, ଭଗବାନ ହନୁମାନ, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ । ଏହି ପର୍ବ ଦିନ ସନ୍ଧ୍ୟାରେ ଦକ୍ଷିଣ ଦିଗକୁ ତିଳ ବା ରାଶି ତେଲରେ ଦୀପ ଜାଳିଲେ ଅକାଳ ମୃତ୍ୟୁ ଯୋଗ କଟିଥାଏ । ଏହି ଦିନ ଭଗବାନ କୃଷ୍ଣଙ୍କ ପୂଜା କରିବାର ମଧ୍ୟ ବିଧି ରହିଛି । ନରକ ଚତୁର୍ଦ୍ଦଶୀ ଦିନ ପୁରୀ ଶ୍ରୀ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପୂଜା ନୀତିବିଧି ନିର୍ବାହ ହୋଇଥାଏ। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ଅଶେଷ କୃପା ଲାଭ କରିଥାନ୍ତି।


***ଏସବିଆଇ, ଷ୍ଟାଫ କଲୋନୀ,***
***ଦେଉଳ ସାହି, ତୁଳସୀପୁର, କଟକ***

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ


ଭୁବନେଶ୍ୱର    ୧୯ ଅକ୍ଟୋବର ୨୦୨୫ ରବିବାର    ପୃଷ୍ଠା ୫





# ନର୍କରୁ ମୁକ୍ତିଦିଏ ନରକ ଚତୁର୍ଦ୍ଦଶୀ

**ପାଞ୍ଚଦିନିଆ ଦୀପାବଳି ପର୍ବର ଦ୍ୱିତୀୟ ପର୍ବ ନରକ ଚତୁର୍ଦ୍ଦଶୀ । ଏହାକୁ କାଳି ଚୌଦଶ, ରୂପ୍ ଚୌଦଶ, ଛୋଟି ଦିୱାଲି, ନରକ ନିର୍ବାଣ ଚତୁର୍ଦ୍ଦଶୀ କିମ୍ବା ଭୂତ ଚତୁର୍ଦ୍ଦଶୀ କୁହାଯାଏ । ଏହା କାର୍ତ୍ତିକ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ପଡ଼ିଥାଏ । ହିନ୍ଦୁ ପୁରାଣକଥା ଅନୁଯାୟୀ ଏହି ଦିନରେ ନରକାସୁର କୃଷ୍ଣ, ସତ୍ୟଭାମା ଏବଂ କାଳୀଙ୍କ ଦ୍ୱାରା ନିହତ ହୋଇଥିଲା । ଏହିଦିନ ପ୍ରଭାତରୁ ଧାର୍ମିକ ରୀତିନୀତି ସହ ପର୍ବ ପାଳନ କରାଯାଏ ।**

ଭାରତର କେତେକ ଅଞ୍ଚଳରେ ଏହି ଦିନରେ ମହାକାଳୀ କିମ୍ବା ଶକ୍ତିଙ୍କର ଆରାଧନା କରାଯାଏ । ଏହି ଦିନ ତେଲ, ଫୁଲ ଏବଂ ଚନ୍ଦନ ସହ ପୂଜାର୍ଚ୍ଚନା କରାଯାଏ । ଭଗବାନ ହନୁମାନଙ୍କୁ ନଡ଼ିଆ ଭୋଗ ଲଗାଯାଏ ଓ ରାଶି, ଗୁଡ଼, ଚୂଡ଼ା, ଘିଅ ଏବଂ ଚିନି ମିଶାଇ ପ୍ରସାଦ ପ୍ରସ୍ତୁତ କରାଯାଏ । ଅନେକ ସ୍ଥାନରେ ବିଶେଷ କରି ପଶ୍ଚିମ ଭାରତରେ ଏହା ଫସଲ ଅମଳର ପର୍ବ । ଏହି ଦିନରେ ମୁଣ୍ଡ ଧୋଇ ଗାଧୋଇବା ସହ ଆଖିରେ କଜଳ ଲଗାଇବା କୁନଜରରୁ ରକ୍ଷା କରେ ବୋଲି ବିଶ୍ୱାସ ରହିଛି । ତନ୍ତ୍ର ଶିଖିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଏହିଦିନ ତନ୍ତ୍ରଶିକ୍ଷା ଆରମ୍ଭ କରନ୍ତି । ଲୋକମାନେ ଯେଉଁଠାରେ ଥିଲେ ମଧ୍ୟ ନିଜ କୁଳଦେବୀଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଅର୍ପଣ କରନ୍ତି । କେତେକ ପରିବାର ନିଜର ପୂର୍ବଜମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ ଭୋଜନ ଅର୍ପଣ କରନ୍ତି । ଏହା ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ରର କେତେକ ଅଂଶରେ ରୂପ ଚୌଦଶ ଭାବରେ ଜଣାଶୁଣା । ବିଶ୍ୱାସ କରାଯାଏ ଏହିଦିନ ସୁବାସିତ ତେଲରେ ଶରୀର ମାଲିସ୍ କରି ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କଲେ ସୌନ୍ଦର୍ଯ୍ୟଲାଭ ହୋଇଥାଏ । ତେଣୁ ଲୋକମାନେ ସୂର୍ଯ୍ୟୋଦୟର ଢେର ପୂର୍ବରୁ ଉଠି ତେଲ ମାଲିସ୍ କରି ଏବଂ ଶରୀରରେ ହଳଦୀ, ଚନ୍ଦନ ଆଦି ଲଗାଇ ସ୍ନାନ କରନ୍ତି ଏବଂ ସ୍ନାନ କରିବା ପରେ ସଫା କିମ୍ବା ନୂଆ ପୋଷାକ ପିନ୍ଧି ପ୍ରାର୍ଥନା କରନ୍ତି । ସନ୍ଧ୍ୟାରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ମଧ୍ୟାହ୍ନଭୋଜନରେ ସ୍ୱତନ୍ତ୍ର








ମିଷ୍ଟାନ୍ନ ପରିବେଷଣ କରାଯାଏ । ସନ୍ଧ୍ୟାରେ ଘରମାନଙ୍କରେ ଦୀପ ଲଗାଯାଏ । ଗୋଆରେ ନରକାସୁରର କାଗଜ ପୁତଳିକା ଦାହ କରାଯାଏ । ଏହାକୁ ଘାସ ଏବଂ ବାଣରେ ଭର୍ତ୍ତି କରାଯାଏ । ନରକ ଚତୁର୍ଦ୍ଦଶୀ ଦିନ ଭୋର୍ ପ୍ରାୟ ୪ଟା ସମୟରେ ଏହି ପୁତଳିକା ଦାହ କରାଯାଏ । ପୁତଳିକା ଦାହ ପରେ ଲୋକମାନେ ସୁବାସିତ ତୈଳ ଲଗାଇ ସ୍ନାନ କରିବା ପାଇଁ ଘରକୁ ଫେରନ୍ତି । ଘର ଆଗରେ ଧାଡ଼ିକରି ଦୀପ ଲଗାଯାଏ । ମହିଳାମାନେ ଘରର ପୁରୁଷଲୋକଙ୍କୁ ବନ୍ଦାପନା କରନ୍ତି ଏବଂ ପୁରୁଷମାନେ ମହିଳାମାନଙ୍କୁ ଉପହାର ପାଳନ କରାଯାଏ । ଅବଶିଷ୍ଟ ଭାରତରେ ଏହା ଅମାବାସ୍ୟା ଦିନ ପାଳନ କରାଯାଏ । ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ଦୀପାବଳି ଭୋଗି ମଧ୍ୟ କୁହାଯାଏ । କେତେକ ତାମିଲ ପରିବାରରେ ଏହି ଦିନରେ ଲକ୍ଷ୍ମୀପୂଜା ବା ନୋମ୍ବୁ କରାଯାଏ । ଏହି ଦିନ ଯମ ତର୍ପଣ ମଧ୍ୟ କରାଯାଏ ଏବଂ ସନ୍ଧ୍ୟାରେ ଯମରାଜଙ୍କ ଉଦ୍ଦେଶ୍ୟରେ ଦୀପ ଦାନ କରାଯାଏ । କର୍ଣ୍ଣାଟକର କେତେକ ଅଞ୍ଚଳରେ ଦୀପାବଳି ଏହି ଦିନ ଆରମ୍ଭ ହୁଏ ଏବଂ ବଳି ପ୍ରଦ୍ୟାମି ବା ବଳି ପ୍ରତିପଦାରେ ଶେଷ ହୁଏ । ବିଶ୍ୱାସ କରାଯାଏ ନରକ ଚତୁର୍ଦ୍ଦଶୀ ଦିନ ବାମନ ଅବତାରରେ ଥିବା ଭଗବାନ ବିଷ୍ଣୁ ଦୈତରାଜ ବଳୀଙ୍କ ପ୍ରତିବର୍ଷ ଏହି ଦିନରେ ତାଙ୍କ ପାଖରେ ପହଞ୍ଚିବାର ଆଶୀର୍ବାଦ ଦେଇଥିଲେ ।

ନରକ ଚତୁର୍ଦ୍ଦଶୀ ସହ ଆଉ ଏକ ପୌରାଣିକ କାହାଣୀ ମଧ୍ୟ ରହିଛି । ଏହା ଧର୍ମପ୍ରିୟ ରାଜା ରନ୍ତିଦେବଙ୍କ ସହ ଜଡ଼ିତ । ରାଜା ରନ୍ତିଦେବ ସବୁବେଳେ ଧର୍ମ ଅନୁଯାୟୀ ଶାସନ କରୁଥିଲେ । କିନ୍ତୁ ଦିନେ ଜଣେ ଗରିବ ବ୍ୟକ୍ତି ତାଙ୍କଠାରୁ ଅନ୍ନଦାନ ପାଇ ନପାରି ଅଭୁକ୍ତ ଫେରିଯାଇଥିଲେ । ରାଜାଙ୍କୁ ଏ ସମ୍ପର୍କରେ ସୂଚନା ମିଳିନଥିଲା । ଫଳସ୍ୱରୂପ ଯେଉଁଦିନ ରାଜାଙ୍କର ମୃତ୍ୟୁ ସମୟ ହେଲା ସେଦିନ ତାଙ୍କ ପାଖରେ ଯମଦୂତ ଛିଡ଼ା ହୋଇଗଲେ । ରାଜା ଆଶ୍ଚର୍ଯ୍ୟ ହୋଇଗଲେ, ପଚାରିଲେ ସାରା ଜୀବନ କୌଣସି ପାପ କରନି, ତଥାପି ଆପଣମାନେ କାହିଁକି ଆସିଲେ । ଯମଦୂତମାନେ କହିଲେ, ଥରେ ଜଣେ ଗରିବ ବ୍ୟକ୍ତି ଆପଣଙ୍କଠାରୁ ଅନ୍ନ ନପାଇବା କାରଣରୁ ଭୋକିଲା ରହିଥିଲା । ରାଜା ତପସ୍ୱୀ ଥିଲେ, ସେ ଯମଦୂତଙ୍କଠାରୁ ଏକବର୍ଷ ସମୟ ମାଗିଲେ । ଏହାପରେ ରାଜା ଋଷିମାନଙ୍କ ସହ ପରାମର୍ଶ କରି ନରକ ଚତୁର୍ଦ୍ଦଶୀ ବ୍ରତ କଲେ ଏବଂ ଭୋକିଲାମାନଙ୍କୁ ଭୋଜନ କରାଇ ନିଜ ଅପରାଧ ପାଇଁ ସେମାନଙ୍କଠାରୁ କ୍ଷମା ମାଗିଲେ । ଏହାପରେ ରାଜା ପାପମୁକ୍ତ ହେଲେ ଏବଂ ବିଷ୍ଣୁ ଲୋକରେ ସ୍ଥାନ ପାଇଲେ । ଏହିପ୍ରକାର ପାପ ଏବଂ ନର୍କରୁ ମୁକ୍ତି ପ୍ରଦାନ କରେ ନରକ ଚତୁର୍ଦ୍ଦଶୀ ବ୍ରତ । ବିଶ୍ୱାସ କରାଯାଏ କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀରେ ବିଧିବିଧାନ ସହ ପୂଜା କରୁଥିବା ବ୍ୟକ୍ତି ସମସ୍ତ ପ୍ରକାର ପାପରୁ ମୁକ୍ତି ପାଇଥାଏ ।

ବିଶ୍ୱାସ କରାଯାଏ ଏହି ଦିନ ଭଗବାନ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିଲେ । ନରକାସୁର ବନ୍ଦୀ କରିଥିବା ୧୬ହଜାର ଯୁବତୀଙ୍କୁ ଉଦ୍ଧାର କରି ଶ୍ରୀକୃଷ୍ଣ ସେମାନଙ୍କୁ ଅଖଣ୍ଡ ସୌଭାଗ୍ୟର ବରଦାନ ଦେଇଥିଲେ । ଏହି ଯୁବତୀମାନେ ଶ୍ରୀକୃଷ୍ଣଙ୍କୁ ଛାଡ଼ି ନିଜ ପିତାମାତାଙ୍କ ଘରକୁ ଫେରିଯିବାକୁ ମନା କରିବା ଫଳରେ ଭଗବାନ ସେମାନଙ୍କୁ ବିବାହ କରିଥିଲେ । ଏହି ପର୍ବକୁ ରୂପଚୌଦଶ ମଧ୍ୟ କୁହାଯାଏ । ପୁରାଣର କଥା ଅନୁଯାୟୀ ଏକଦା ହିରଣ୍ୟଗର୍ଭ ନାମକ ନଗରରେ ଜଣେ ଯୋଗୀ ନିଜ ମନକୁ ନିୟନ୍ତ୍ରିତ କରି ଭଗବାନଙ୍କ ସହ ଲୀନ ହେବାକୁ ଚାହିଁଲେ । ସେ ଅନ୍ନଜଳ ତ୍ୟାଗ କରି ସମାଧିରେ ବସିଲେ । ତାଙ୍କ ଶରୀର ଜିର୍ଣ୍ଣଶୀର୍ଣ୍ଣ ହୋଇଗଲା । ଏହି ସମୟରେ ନାରଦ ତାଙ୍କ ପାଖରେ ପହଞ୍ଚିଲେ । ନାରଦଙ୍କୁ ଦେଖି ଯୋଗୀ କହିଲେ– ହେ ଦେବର୍ଷି ମୁଁ ଭଗବାନଙ୍କ ଚିନ୍ତାରେ ଲୀନ ହେବାକୁ ଚାହୁଁଛି । କିନ୍ତୁ ମୋ ଶରୀରର ଏମିତି ଅବସ୍ଥା କାହିଁକି ହେଲା । ନାରଦ କହିଲେ ଆପଣ ଭଗବାନଙ୍କୁ ପ୍ରାର୍ଥନା କରିବା ଜାଣନ୍ତି, କିନ୍ତୁ ଶରୀରର ନିୟମ ପାଳନ କରିନଥିବାରୁ ଏ ଅବସ୍ଥା ହୋଇଛି । ଆପଣ କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ସୂର୍ଯ୍ୟୋଦୟ ପୂର୍ବରୁ ଭଲ ଭାବରେ ସ୍ନାନ କରି ଭଗବାନ ଶ୍ରୀକୃଷ୍ଣଙ୍କୁ ଧାନ କରିବେ । ଏହାଦ୍ୱାରା ଶରୀର ପୂର୍ବ ପରି ସତେଜ ଓ କୋମଳ ହୋଇଯିବ । ଯୋଗୀ ନାରଦଙ୍କ ପରାମର୍ଶ ମାନିବା ପରେ ଶରୀର ପୂର୍ବପରି ହୋଇଗଲା । ତେଣୁ ଏହି ଦିନକୁ ରୂପଚୌଦଶ ବୋଲି କୁହାଗଲା । ଏହିଦିନ ସକାଳୁ ହଳଦୀ ତେଲ ଆଦି ଲଗାଇ ସ୍ନାନ କଲେ ବ୍ୟକ୍ତିର ରୂପ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି । ଜ୍ୟୋତିଷଶାସ୍ତ୍ର ଦୃଷ୍ଟିରୁ ନରକ ଚତୁର୍ଦ୍ଦଶୀର ବିଶେଷ ମହତ୍ତ୍ୱ ରହିଛି । ଏହିଦିନ ବାରଣାସୀ ଓ ଉଜ୍ଜୟିନୀ ସମେତ ଅନେକ ପ୍ରମୁଖ ସିଦ୍ଧସ୍ଥଳରେ ତନ୍ତ୍ରମନ୍ତ୍ର ସାଧନା ଓ ସିଦ୍ଧି କରାଯାଏ । ପଶ୍ଚିମବଙ୍ଗ ସମେତ କିଛି ରାଜ୍ୟରେ ଏହି ଦିନ ମା' କାଳୀଙ୍କ ପୂଜା କରାଯାଏ । ବିଶ୍ୱାସ କରାଯାଏ ନରକ ଚତୁର୍ଦ୍ଦଶୀ ଦିନ କାଳୀ ପୂଜା କଲେ ବ୍ୟକ୍ତି ସମସ୍ତ ପାପରୁ ମୁକ୍ତି ପାଏ । ଦକ୍ଷିଣ ଭାରତରେ ଏହା ଶ୍ରୀକୃଷ୍ଣଙ୍କୁ ସ୍ୱାଗତ କରିବାର ପର୍ବ । ମାନ୍ୟତା ଅନୁଯାୟୀ ନରକାସୁରକୁ ବଧ କରିବା ପରେ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ଗୋକୁଳ ଫେରିଥିଲେ ସେତେବେଳେ ତାଙ୍କ ଶରୀରରେ ଲାଗିଥିବା ରକ୍ତ ଶୁଖିଯାଇଥିଲା । ଏହାକୁ ସଫା କରିବା ପାଇଁ ଗୋପୀମାନେ ପ୍ରଥମ ତାଙ୍କ ଦେହରେ ତେଲ ଘସି ସ୍ନାନ କରାଇଥିଲେ । ତେଣୁ ଆଜି ମଧ୍ୟ ନରକ ଚତୁର୍ଦ୍ଦଶୀରେ ପ୍ରଥମେ କୁଙ୍କୁମ ଲାଗିଥିବା ଲେମ୍ବୁକୁ ପାଦରେ ଚକଟି ଦିଅନ୍ତି । ଲୋକମାନେ କାରିଟ ନାମକ ଏକ ପୀତା କୋଳିକୁ ପାଦରେ ଚାପି ଫଟାଇ ଦିଅନ୍ତି ନରକାସୁର ବଧର ପ୍ରତୀକ ଭାବରେ । ଏହି ଦିନ ଗୋଆରେ ଘରେ ଘରେ ଚୂଡ଼ାରେ ନାନାପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ପଶ୍ଚିମବଙ୍ଗରେ ଏହାକୁ ଭୂତ ଚତୁର୍ଦ୍ଦଶୀ ଭାବରେ ପାଳନ କରାଯାଏ । ସେମାନେ ବିଶ୍ୱାସ କରନ୍ତି ମନୁଷ୍ୟ ଏବଂ ଭୂତଙ୍କ ଦୁନିଆ ମଧ୍ୟରେ ଖୁବ୍ ପତଳା ଆବରଣ ରହିଛି । ଏହି ଦିନ ପ୍ରତ୍ୟେକଙ୍କର ଚଉଦପୁରୁଷର ପୂର୍ବଜ ସେମାନଙ୍କ ମର୍ତ୍ତ୍ୟବାସୀ ପରିବାରଙ୍କ ପାଖକୁ ବୁଲିବାକୁ ଆସନ୍ତି । ଏହି କାରଣରୁ ଘରର ଚାରିପଟେ ୧୪ଟି ଦୀପ ପ୍ରଦାନ କରାଯାଏ । ଏହା ସେମାନଙ୍କୁ ଘର ଆଡ଼କୁ ରାସ୍ତା ଦେଖାଏ ଏବଂ ଦୁଷ୍ଟାତ୍ମାମାନଙ୍କୁ ତଡ଼ିଦିଏ । ଦକ୍ଷିଣ ଭାରତରେ ନରକ ଚତୁର୍ଦ୍ଦଶୀରେ ଅଭ୍ୟଙ୍ଗ ସ୍ନାନର ପରମ୍ପରା ରହିଛି । ଏହା ଚତୁର୍ଦ୍ଦଶୀ ତିଥି ଆସିବା ପରେ କିନ୍ତୁ ସୂର୍ଯ୍ୟୋଦୟ ପୂର୍ବରୁ ଏବଂ ଆକାଶରେ ଚନ୍ଦ୍ର ଥିବା ସମୟରେ କରାଯାଏ । ରାଶି ତେଲରେ ହଳଦୀ, ମାଟି, ଦୁଗ୍ଧ ଆଦି ମିଶାଇ ଅଭ୍ୟଙ୍ଗ ସ୍ନାନ କରାଯାଏ । ବିଶ୍ୱାସ କରାଯାଏ ଏହା ବ୍ୟକ୍ତିକୁ ଦାରିଦ୍ର୍ୟ, ଅପ୍ରତ୍ୟାଶିତ ବିପଦରୁ ରକ୍ଷା କରିଥାଏ । ଦକ୍ଷିଣ ଭାରତ ବିଶେଷ କରି ଗୋଆ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ଦୀପାବଳି ନରକ ଚତୁର୍ଦ୍ଦଶୀ ଦିନରେ ପ୍ରତିକାତ୍ମକ ଭାବରେ ନରକାସୁରକୁ ବଧ କରି ତୈଳ ଲଗାଇ ସ୍ନାନ କରିବାର ପରମ୍ପରା ରହିଛି । ସ୍ନାନ ପରେ ଭଗବାନ ଶ୍ରୀକୃଷ୍ଣ ଗୋକୁଳ ଫେରିଥିଲେ । ଏହାକୁ ମନେ ପକାଇ ସୂର୍ଯ୍ୟୋଦୟ ପୂର୍ବରୁ ପ୍ରତ୍ୟେକ ଘର ବାହାରେ ଦୀପ ଲଗାଯାଏ ଏବଂ ଆତସବାଜି ଲଗାଇ ଶ୍ରୀକୃଷ୍ଣଙ୍କୁ ସ୍ୱାଗତ କରାଯାଏ । ଶ୍ରୀକୃଷ୍ଣଙ୍କ ସ୍ୱାଗତ ପାଇଁ ଜଲେବି, ମୈସୁରପାକ୍, ମୁଡ଼୍କି ଆଦି ତିଆରି କରାଯାଏ ଏବଂ ଏହା ଶ୍ରୀକୃଷ୍ଣଙ୍କୁ ଅର୍ପଣ କରାଯାଏ । ଉତ୍ତର ଭାରତରେ ଏହି ପର୍ବ ସନ୍ଧ୍ୟାରେ ଛୋଟି ଦୀପାବଳି ଭାବରେ ପାଳନ କରାଯାଉଥିବା ବେଳେ ଦକ୍ଷିଣ ଭାରତରେ ନରକ ଚତୁର୍ଦ୍ଦଶୀ ପର୍ବ ସୂର୍ଯ୍ୟୋଦୟ ପୂର୍ବରୁ ପାଳନ କରାଯାଏ ।







**ଦୀପାବଳୀରେ ଦୀପ ପ୍ରଜ୍ୱଳନ ପୂର୍ବକ ଚତୁର୍ମାସରୁ ଶୋଇ ରହିଥିବା ଲକ୍ଷ୍ମୀଙ୍କୁ ଉଠାଇ ଦିଆଯାଏ । ଦେବୋତ୍ଥାନ ଏକାଦଶୀର ଏଗାରଦିନ ପୂର୍ବରୁ ଉଠନ୍ତି ଲକ୍ଷ୍ମୀ । ବିଷ୍ଣୁ ଉଠନ୍ତି ଦେବୋତ୍ଥାନ ଏକାଦଶୀରେ । ସ୍ୱାମୀ ଉଠିବା ପୂର୍ବରୁ ଯେମିତି ସ୍ତ୍ରୀ ନିଦରୁ ଉଠି ଘରର ସବୁ କାମ ଦାମ କରିଥାଏ ଠିକ୍ ସେଇଭଳି ନାରାୟଣଙ୍କ ଉଠିବା ଆଗରୁ ଲକ୍ଷ୍ମୀ ଉଠିଯା'ନ୍ତି ।**



# ଦୀପାବଳୀରେ ଲକ୍ଷ୍ମୀ ଉଠିବେ ନିଦରୁ



ଶାସ୍ତ୍ରରେ ରହିଛି ଅମାବାସ୍ୟା ତିଥିରେ ଲକ୍ଷ୍ମୀପୂଜନ ନିଷିଦ୍ଧ । କିନ୍ତୁ କାର୍ତ୍ତିକ ଅମାବାସ୍ୟା ବା ଦୀପାବଳୀରେ ହିଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ ଧନଧାନ୍ୟ ପ୍ରାପ୍ତି ପାଇଁ । ଆସନ୍ତୁ ଜାଣିବା ଏଭଳି କାହିଁକି ?

ପୁରାଣରେ ରହିଛି ଦଶ ମହାବିଦ୍ୟାଙ୍କ ଭିତରେ ଲକ୍ଷ୍ମୀ ହେଉଛନ୍ତି କମଳା ସ୍ୱରୂପା । ଏହି ତିଥିରେ କମଳାଙ୍କ ଆବିର୍ଭାବ ହୋଇଥିବାରୁ କାର୍ତ୍ତିକ ଅମାବାସ୍ୟାକୁ କମଳା ଜୟନ୍ତୀ ମଧ୍ୟ କୁହାଯାଏ । ଏଇ କାରଣରୁ ଏଇଦିନ କମଳା ପୂଜନର ପରମ୍ପରା ରହିଆସିଛି ।

ଆମେ ଲକ୍ଷ୍ମୀଙ୍କୁ କେବଳ ଧନପ୍ରାପ୍ତି ପାଇଁ ପୂଜା କରିନଥାଉ । ଜାଣି ରଖନ୍ତୁ ଲକ୍ଷ୍ମୀଙ୍କ ପର୍ଯ୍ୟାୟବାଚୀ ଶବ୍ଦ ହେଉଛି 'ଶ୍ରୀ' । ତେଣୁ ନାମ ପୂର୍ବରୁ ଆମେ ଶ୍ରୀଯୁକ୍ତ ଲେଖିଥାଉ । ଶ୍ରୀଯୁକ୍ତର ଅର୍ଥ ହେଲା ଲକ୍ଷ୍ମୀବନ୍ତ । ଲକ୍ଷ୍ମୀ ଧନ ସହିତ ସଦାଚାର ମଧ୍ୟ ଦେଇଥା'ନ୍ତି । ତେଣୁ ଆମେ ଧନବାନ ହେବା ପାଇଁ ଲକ୍ଷ୍ମୀଙ୍କୁ ପୂଜନ ନକରି ଲକ୍ଷ୍ମୀବାନ ହେବାକୁ ତାଙ୍କୁ ଆରାଧନା କଲେ ସେ ଧନ ସମ୍ପଦ ସହିତ ସଦାଚାର ମଧ୍ୟ ଦେବେ ।

ଲକ୍ଷ୍ମୀଙ୍କୁ ଭଗବତୀ ନାମରେ ମଧ୍ୟ ପୂଜା କରାଯାଏ । ଧନ ସହିତ ପ୍ରତିଷ୍ଠା, ନିରୋଗ, ସଦ୍‌ବୁଦ୍ଧି, ସୁଖ, ଶାନ୍ତି ଏବଂ ବୈଭବ ମଧ୍ୟ ଦେଇଥା'ନ୍ତି ମା' ଭଗବତୀ ।

ଥରେ ଭଗବାନ ବିଷ୍ଣୁ ମହାଲକ୍ଷ୍ମୀଙ୍କୁ ପଚାରିଲେ– ଦେବୀ, କ'ଣ କଲେ ତୁମେ ଅଚଳ ହୋଇ ଜଣଙ୍କ ଘରେ ଆସ୍ଥାନ ଜମାଇ ନିଅ ?

ବିଷ୍ଣୁପ୍ରିୟା ଲକ୍ଷ୍ମୀ ଉତ୍ତର ଦେଲେ– ଯେଉଁଘରେ କଳହ, କ୍ଳେଶ ନଥାଏ, ସେଇଠାରେ ହିଁ ମୁଁ ବସିଯାଏ । ଯେଉଁଘରେ ଗୃହସ୍ଥୀ କୁଶଳରେ ଥାଏ ଏବଂ ଯେଉଁଠି ସବୁବେଳେ ସ୍ୱଚ୍ଛତା ଥାଏ ମୁଁ ସେଇଠି ଆସ୍ଥାନ ଜମାଏ । ଯେଉଁ ଘରର ଲୋକେ ଖୁବ୍ ମିଷ୍ଟଭାଷୀ, ନିଜ ନିଜ ଭିତରେ ସୌହାର୍ଦ୍ଦ୍ୟ ରଖିଥାନ୍ତି, ସେଇଠି ମୋ' ନିବାସ । ଯେଉଁ ପରିବାରରେ ବୃଦ୍ଧ–ବୃଦ୍ଧାଙ୍କ ସେବା କରାଯାଏ ସେଇ ଘର ମୋର ପ୍ରିୟ । ଯେଉଁ ଘରର ଦ୍ୱାରରୁ କେହି ଅସହାୟ ଖାଲି ହାତରେ । ଭୋକିଲା ଖାଲିପେଟରେ ଫେରେ ନାହିଁ ସେଇ ଘରେ ରହିବାକୁ ମୋତେ ଭଲଲାଗେ । ହିଁ, ଯେଉଁଠି ସ୍ତ୍ରୀଙ୍କର ଅନାଦର ଏବଂ ଶୋଷଣ ହୁଏ ସେଠାକୁ ମୁଁ ମୋଟେ ଯାଏନି । ସେ ଏ କଥା ମଧ୍ୟ କହିଲେ– ଯେଉଁ ସ୍ତ୍ରୀ ସୁଖ ଦୁଃଖରେ ତା' ସ୍ୱାମୀ ସହ ରହିଥାଏ ତାକୁ ସେ ଭଲପା'ନ୍ତି । ଠିକ ସେଇଭଳି ସଦାଚାରୀ, ବିନୟୀ, କର୍ତ୍ତବ୍ୟନିଷ୍ଠ ଏବଂ ପତ୍ନୀଙ୍କ ପ୍ରତି ସଚ୍ଚୋଟ ପୁରୁଷଙ୍କ ପ୍ରତି ସେ ସଦା ସଦୟ ହୋଇଥା'ନ୍ତି । ଏଇଥିରୁ ଜଣାଯାଏ ଲକ୍ଷ୍ମୀ ସଦ୍‌ଗୁଣ ଏବଂ ସଂସ୍କାର ଧର୍ମୀ ସ୍ତ୍ରୀ–ପୁରୁଷଙ୍କୁ ଅଧିକ ଆଶୀର୍ବାଦ ଦିଅନ୍ତି । ଲକ୍ଷ୍ମୀ ପୂଜା–ଧ୍ୱଜା ଠାରୁ ସଂସ୍କାରରେ ଅଧିକ ପ୍ରୀତ ହୋଇଥା'ନ୍ତି ।

ଦୀପାବଳୀରେ ଦ୍ୱୀପ ପ୍ରଜ୍ୱଳନ କରି ଜ୍ଞାନକୁ ଆମନ୍ତ୍ରଣ ପୂର୍ବକ ଅଜ୍ଞାନକୁ ଦୂରେଇ ଦିଆଯାଏ । ଦୀପଦାନ ଫଳରେ ଚତୁର୍ମାସରୁ ଶୋଇ ରହିଥିବା ଲକ୍ଷ୍ମୀଙ୍କୁ ଉଠାଇ ଦିଆଯାଏ । ଦେବୋତ୍ଥାନ ଏକାଦେଶୀର ଏଗାରଦିନ ପୂର୍ବରୁ ଉଠନ୍ତି ଲକ୍ଷ୍ମୀ । ବିଷ୍ଣୁ ଉଠନ୍ତି ଦେବୋତ୍ଥାନ ଏକାଦଶୀରେ । ସ୍ୱାମୀ ଉଠିବା ପୂର୍ବରୁ ଯେମିତି ସ୍ତ୍ରୀ ନିଦରୁ ଉଠି ଘରର ସବୁ କାମ ଦାମ କରିଥାଏ । ଠିକ୍ ସେଇଭଳି ନାରାୟଣଙ୍କ ଉଠିବା ଆଗରୁ ଲକ୍ଷ୍ମୀ ଉଠିଯା'ନ୍ତି ।

ବିଶ୍ୱାସ ଅଛି– ଶୁଭ ମୁହୂର୍ତ୍ତରେ ଲକ୍ଷ୍ମୀଙ୍କୁ ପୂଜା କଲେ ସେ ଚଞ୍ଚଳା ସ୍ୱଭାବ ତ୍ୟାଗ କରି ସ୍ଥିର ହୋଇ ଘରେ ରହିଯା'ନ୍ତି । କାର୍ତ୍ତିକ ଅମାବାସ୍ୟା ଦିନ ସୂର୍ଯ୍ୟାସ୍ତ ପରେ ଏ ପୂଜା କଲେ ଶୁଭ ଫଳ ମିଳିଥାଏ । ସ୍ଥାନୀୟ ସୂର୍ଯ୍ୟାସ୍ତ ପରେ ୨ ଘଣ୍ଟା ୨୪ ମିନିଟ୍ ସମୟକୁ ପ୍ରଦୋଷକାଳ କୁହାଯାଏ । ଏଇ ସମୟ ହିଁ ଲକ୍ଷ୍ମୀପୂଜା ପାଇଁ ସବୁଠୁ ଉତ୍ତମ ମୁହୂର୍ତ୍ତ ।




# ଜ୍ଞାନ ଓ ସମର୍ପଣର ପ୍ରତୀକ ଦୀପ

ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃର୍ତ୍ୟୋ ମା ମ୍ରିତାନ୍ ଗମୟ
ଓମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ପ୍ରତି ହିନ୍ଦୁ ପରିବାରରେ ସକାଳ ଓ ସଂଧ୍ୟାରେ ଦୀପ ଲଗାଯାଏ । ଏହା ଭଗବାନଙ୍କ ଠାରେ ଆତ୍ମ ସମର୍ପଣର ପ୍ରତୀକ । ଦୀପରେ ଥିବା ଘିଅ ବା ତେଲ ମଣିଷ ମନରେ ଥିବା ମଳିନତା (ଲୋଭ, ଈର୍ଷା, ଘୃଣା ଆଦି)ର ପ୍ରତୀକ । ସଳିତା ଆତ୍ମାର ପ୍ରତୀକ । ତେଣୁ ପରମାତ୍ମାଙ୍କ ସହ ମିଳନ ପାଇଁ ଆମକୁ ଏ ମଳିନତା ତ୍ୟାଗ କରିବାକୁ ହେବ । ମଳିନତା ରୂପୀ ତେଲ ପୋଡ଼ିଲେ ଦୀପ ଆଲୋକ ଦେବ ।



ଦୀପ ଜ୍ଞାନର ପ୍ରତୀକ ମଧ୍ୟ । ଅଜ୍ଞାନ ବ୍ୟକ୍ତି ସବୁବେଳେ ଅନ୍ଧକାର ମଧ୍ୟରେ ଥାଏ । ନିଜ ପରିବେଶରେ ଘଟୁଥିବା ବିଷୟ ପ୍ରତି ମଧ୍ୟ ସେ ସଚେତନ ନଥାଏ । ଯେତେବେଳେ ସେ କିଛି ପାଇବାକୁ ଚାହେଁ ସେତେବେଳେ ସେ ଆଲୋକର ଆବଶ୍ୟକତା ଅନୁଭବ କରେ । ଏ କ୍ଷେତ୍ରରେ ଦୀପ ଜ୍ଞାନ ଦ୍ୱାରା ଅଜ୍ଞାନତାର ଅନ୍ଧକାର ଦୂରେଇ ଦେବାର ପ୍ରତୀକ ।

ତେଣୁ ଏହି ଦୀପ କେବଳ ଏକ ସଜ୍ଜା ସାମଗ୍ରୀ ନୁହେଁ । ଏହା କୁହେ ଈଶ୍ୱରଙ୍କ ସହ ମିଳନର ଅଭିପ୍ସା ଥିଲେ ମନର ମଳିନତା ଦୂରେଇବାକୁ ହେବ, ଜ୍ଞାନ ଦ୍ୱାରା ଅଜ୍ଞାନତାର ଅନ୍ଧକାରକୁ ଦୂରେଇବାକୁ ହେବ ।

## ଦୀପର ବିଧି


ପୂଜା ପାଇଁ ଦୀପ ଲଗାଇବା ବେଳେ କିଛି ବିଷୟ ପ୍ରତି ଯତ୍ନବାନ ହେବାକୁ ପଡେ । ବିଧି ବିଧାନ ପୂର୍ବକ ପ୍ରସ୍ତୁତ ହୋଇଥିବା ଦୀପ ଦ୍ୱାରା ଦେବଦେବୀଙ୍କ କୃପା ସହଜରେ ମିଳିପାରେ ।

ଶାସ୍ତ୍ର ଅନୁଯାୟୀ ଦେବଦେବୀଙ୍କ ପାଇଁ ଘିଅ ଦୀପ ନିଜର ବାମପଟେ ଓ ତେଲ ଦୀପ ଡାହାଣପଟେ ରଖିବା ଦରକାର । ପୂଜା ମଝିରେ ଦୀପ ଲିଭିନଯାଉ ଏଥିପ୍ରତି ମଧ୍ୟ ସତର୍କ ହେବା ଆବଶ୍ୟକ । ଏମିତି ହେଲେ ପୂଜାର ପୂର୍ଣ୍ଣ ଫଳ ମିଳେନି । ପୂଜା ଦୀପ କେଉଁଠି ଭାଙ୍ଗି ନଥିବା ଦରକାର । ଘିଅ ଦୀପରେ ଧଳା ସଳିତା ଓ ତେଲ ଦୀପରେ ଲାଲ ସଳିତା ଶ୍ରେଷ୍ଠ । ଦୀପ ସବୁବେଳେ ଦେବତାଙ୍କ ସାମ୍ନାରେ ରଖାଯିବା ଉଚିତ ।

## କେଉଁଠି ଲଗେଇବେ ଦୀପ

ଦୀପାବଳୀର ରାତି ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବାର ଶ୍ରେଷ୍ଠ ସମୟ । ଶାସ୍ତ୍ର କୁହେ ଏ ରାତିରେ କିଛି ବିଶେଷ ସ୍ଥାନରେ ଦୀପ ଲଗାଇଲେ ଶୀଘ୍ର ଲକ୍ଷ୍ମୀ କୃପା ମିଳେ, ଅର୍ଥ ସମସ୍ୟା ଦୂର ହୋଇଯାଏ । ଦୀପାବଳୀ ରାତିରେ ମହାଲକ୍ଷ୍ମୀ ପୃଥିବୀ ଭ୍ରମଣ କରନ୍ତି । ବିଧି ବିଧାନ ସହ ଠିକ୍ ସ୍ଥାନରେ ଦୀପ ପ୍ରଜ୍ୱଳନ କଲେ ସେ ସନ୍ତୁଷ୍ଟ ହୁଅନ୍ତି ।

- ଯଦି ସମ୍ଭବ ଏହି ରାତିରେ କୌଣସି ଶ୍ମଶାନରେ ଦୀପ ଲଗାନ୍ତୁ । ଅର୍ଥ ପ୍ରାପ୍ତି ପାଇଁ ଏହା ଅମୋଘ ଉପାୟ ।
- ମୁଖ୍ୟ ଦ୍ୱାରର ଉଭୟ ପାର୍ଶ୍ୱରେ ଦୀପ ନିଶ୍ଚୟ ଲଗାନ୍ତୁ ।
- ଘର ଅଗଣାରେ ଦୀପ ଲଗାନ୍ତୁ, ଯେମିତି ଏ ଦୀପ ଲିଭି ନଯାଏ ।
- ଘର ପାଖରେ ଥିବା ଚାରିଛକରେ ଦୀପ ଲଗାନ୍ତୁ । ଏହାଦ୍ୱାରା ଅର୍ଥ ସମସ୍ୟା ଦୂର ହୋଇଯାଏ ।
- ଘରେ ପୂଜା ସ୍ଥଳରେ ଦୀପ ଲଗାନ୍ତୁ । ସାରା ରାତି ଏ ଦୀପ ଜଳିବା ଉଚିତ ।
- ବେଲ ଗଛ ତଳେ ଦୀପ ଲଗାନ୍ତୁ ।
- ଓସ୍ତ ଗଛ ତଳେ ଦୀପାବଳୀ ରାତିରେ ଦୀପ ନିଶ୍ଚୟ ଲଗାନ୍ତୁ । ଏହା ଧନ ସମସ୍ୟା ଦୂର କରେ ।
- ଘର ପାଖରେ ଥିବା ମନ୍ଦିରରେ ଦୀପ ଲଗାନ୍ତୁ ।



RNI Regd. No. ODIODI/2006/23033 Postal Regd. No. : BN/169/13-15


## ପାକିସ୍ତାନର ଏୟାର ଷ୍ଟ୍ରାଇକ୍‌ରେ ୩ ଆଫଗାନିସ୍ତାନ କ୍ରିକେଟର ମୃତ

**କାବୁଲ,୧୮।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଆଫଗାନିସ୍ତାନରେ ପାକିସ୍ତାନର ଏୟାରଷ୍ଟ୍ରାଇକ। ଏଥିରେ ଆଫଗାନିସ୍ତାନର ୩ଜଣ କ୍ରିକେଟରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ଦିନ ଆଫଗାନିସ୍ତାନର ପକତିକା ପ୍ରୋଭିନ୍ସରେ ଏୟାରଷ୍ଟ୍ରାଇକ କରିଥିଲା ପାକିସ୍ତାନ। ଏଥିରେ ୩ଜଣ ଘରୋଇ କ୍ରିକେଟରଙ୍କ ମୃତ୍ୟୁ ହୋଇଥିବା କହିଛି ଆଫଗାନ କ୍ରିକେଟ ବୋର୍ଡ। ଏୟାରଷ୍ଟ୍ରାଇକରେ ୮ଜଣଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ଭିତରେ ୩ଜଣ କ୍ରିକେଟର ଥିଲେ। ତିନି ଜଣ କ୍ରିକେଟର ହେଲେ କବିର, ଶିଭାତୁଲ୍ଲା ଓ ହାରୋନ।

## ପ୍ରଥମ ପୃଷ୍ଠାରୁ...

### ପ୍ରାର୍ଥୀପତ୍ର ଦାଖଲ...

ବସନ୍ତ ପଣ୍ଡା ଏବଂ କୋମନା ବ୍ଲକର ବିଜେପି ନେତା ସୋମନାଥ ଖମାରୀ। ନାମାଙ୍କନ ଦାଖଲ ପରେ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଥିଲେ ଜୟ ଢୋଲକିଆ। ସେ କହିଥିଲେ, ନୂଆପଡାରେ ବିକାଶର ଧାରାକୁ ଆଗକୁ ବଢ଼ାଇବାକୁ ବିଜେପି ସଂକଳ୍ପ ନେଇଛି। ତେଣୁ ଏହି ଉପନିର୍ବାଚନରେ ଦଳ ନିଶ୍ଚିତ ଜିତିବ। ସୂଚନାଯୋଗ୍ୟ, ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନଭେମ୍ବର ୧୧ ତାରିଖରେ ନୂଆପଡା ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ଏହାକୁ ନେଇ ବିଜେପି, ବିଜେଡି ଓ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଯାଇଛି।

### ରାଜଧାନୀରେ...

ତାଙ୍କ ଘର ବିହାର ବୋଲି କହିଥିଲେ। ସେପଟେ କ୍ୟାପିଟାଲ ଥାନା ପୋଲିସ ଗଣଦୁଷ୍କର୍ମ ଓ ପୋକ୍‌ସୋ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହିତ ନାବାଳିକାଙ୍କ ପରିବାର ସହିତ ଯୋଗାଯୋଗ କରିଛି ପୋଲିସ। ବାକି ଅଶୋକ ନଗରରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରୁଛି ପୋଲିସ। ହେଲେ ବର୍ତ୍ତମାନ ଯାଏଁ କୌଣସି ଅଭିଯୁକ୍ତ ସଂପର୍କରେ କୌଣସି ବି ଟେର୍ ପାଇନାହିଁ।

### ୨ଦିନ ଦୀପାବଳି...

ମଧ୍ୟରେ ଦୀପାବଳି ପାଳନ ଓ ଛୁଟି ନେଇ ଦ୍ୱନ୍ଦ୍ୱ ରହିଥିଲା। ଦୀପାବଳି ନେଇ ଚଳିତ ଥର ଦ୍ୱନ୍ଦ୍ୱ ଉପୁଜି ଥିଲା। କିଛି ଲୋକ ଆସନ୍ତା ୨୦ ତାରିଖରେ ଦୀପାବଳି ପାଳନ ପାଇଁ ଚିନ୍ତା କରୁଛନ୍ତି। ଆଉ କିଛି ଅକ୍ଟୋବର ୨୧ରେ ଦୀପାବଳି ହେବ ବୋଲି କହୁଛନ୍ତି। ୨୦ ତାରିଖ ଦିନ ଦିନ ଦୀପଦାନ ଏବଂ ପୟା ଶ୍ରାଦ୍ଧ ପାଳିବାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ କୁହାଯାଇଛି। ସରକାର ୨୧ ତାରିଖ ପରିବର୍ତ୍ତେ ୨୦ ତାରିଖକୁ ଛୁଟି ଘୋଷଣା କରିବାକୁ ଦାବି ହୋଇଥିଲା।

### ସାଇବର ଅପରାଧ...

ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବଶୀଘ୍ର ଆଉ ୨୦ଟି ନୂତନ ସାଇବର ଅପରାଧ ପୋଲିସ୍ ଷ୍ଟେସନ କାର୍ଯ୍ୟକ୍ଷମ ହେବ। ଏହା ସହ ପୂର୍ବରୁ ଥିବା ୧୪ଟି ସାଇବର ପୋଲିସ୍ ଷ୍ଟେସନର ଆଧୁନିକୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୋଲିସ ପଦବୀ ସହିତ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବଶୀଘ୍ର ନିଯୁକ୍ତି ଦିଆଯିବ। ଏଥି ସହିତ କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଏବଂ ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍‌ସେଲେନ୍ସ ଭାବରେ କାର୍ଯ୍ୟ କରିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ସରକାରଙ୍କ ପକ୍ଷରୁ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। କିନ୍ତୁ, ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପଡିବ, ସଚେତନ ହେବାକୁ ପଡିବ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡିଶା ପୋଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରାଯିବ। ସେଥିପାଇଁ ଏହି ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ।

ମୁଖ୍ୟମନ୍ତ୍ରୀ ଇଣ୍ଟରନେଟ୍ ଜରିଆରେ ଝିଅମାନଙ୍କୁ ବ୍ଲାକମେଲିଙ୍ଗ ଓ ମାନସିକ ନିର୍ଯାତନା ଉପରେ କ୍ଷୋଭ ପ୍ରକାଶ କରି ଓଡିଶା ପୋଲିସକୁ ଏହି ମାନସିକତା ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପଦକ୍ଷେପ ନନେଲେ ସମ୍ପୃକ୍ତ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ୧୬ଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥଗୁଡିକ ନୂଆପଡା ଜିଲ୍ଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଏକ ମାସ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଥିଲେ।

### ତେଜସ୍ୱୀ ଯାଦବ...

ପ୍ରତ୍ୟାହାର ପାଇଁ ଅକ୍ଟୋବର ୨୦ ଶେଷ ତାରିଖ ରହିଛି। ଆସନ ବୁଝାମଣା ହେବା ପରେ ପ୍ରାର୍ଥୀମାନଙ୍କୁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ କୁହାଯିବ।

ମହାମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ସିପିଆଇ (ଏମଏଲ୍) ନେତା ଦୀପଙ୍କର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଆସନ ବୁଝାମଣା ବିଳମ୍ବ ସତ୍ତ୍ୱେ ମେଣ୍ଟରେ କୌଣସି ପ୍ରକାର ଅନ୍ତଃକନ୍ଦଳ ନାହିଁ। ସେ କହିଛନ୍ତି ଯେ ୨୦୨୦ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ମହାମେଣ୍ଟରେ ଅଂଶୀଦାର ଦଳ ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ମେଣ୍ଟର ସମସ୍ତ ଅଂଶୀଦାରଙ୍କ ସହିତ ଆଲୋଚନା କରାଯାଇ ଆସନ ବୁଝାମଣା କରାଯିବ। ମହାମେଣ୍ଟ ଏହି ନିର୍ବାଚନରେ ନିଶ୍ଚିତ ରୂପେ ଏକଜୁଟ୍ ହୋଇ ଲଢିବ। ମହାମେଣ୍ଟରେ ଆସନ ବୁଝାମଣା ହୋଇପାରି ନଥିବାବେଳେ ଏନଡିଏ ଏହାର ନିର୍ବାଚନ ପ୍ରଚାର ଜୋରଦାର କରିଛି।

ଅପରପକ୍ଷରେ ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟରେ ଆସନ ବୁଝାମଣା ଚୂଡାନ୍ତ ହୋଇପାରି ନଥିବାବେଳେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଛି। ଶୁକ୍ରବାର କଂଗ୍ରେସ ଦଳ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛି। ଦଳରେ ଅନେକ ନେତା ଏଥିରେ ମୋହର ମାରିଛନ୍ତି। କଂଗ୍ରେସ ନେତା ତଥା ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି ଯେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବାରେ କୌଣସି ସମସ୍ୟା ନାହିଁ। ସେହିପରି ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ କୌଣସି ସମସ୍ୟା ନାହିଁ। ଠିକ୍ ସମୟରେ ସବୁ ସମାଧାନ ହୋଇଯିବ। କଂଗ୍ରେସ ସାଂସଦ ଅଖିଳେଶ ପ୍ରସାଦ ସିଂହ ଓ ତାରିକ ଅନୱର ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବାକୁ ସମର୍ଥନ କରିଛନ୍ତି। ତାରିକ ଅନୱର କହିଛନ୍ତି ଯେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଗଲେ କୌଣସି ସମସ୍ୟା ନାହିଁ। ତେବେ ପୂର୍ବରୁ ତେଜସ୍ୱୀ ନିଜକୁ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିବାବେଳେ କଂଗ୍ରେସ ଏହାକୁ ନାପସନ୍ଦ କରିଥିଲା। କଂଗ୍ରେସ କହିଥିଲା ଯେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ତାହା ମିଳିତ ଭାବେ ନିଷ୍ପତ୍ତି ନିଆଯିବ।

### ବାତ୍ୟା ନେଇ...

ବଙ୍ଗୋପସାଗରେ ଘଣ୍ଟା ପିଛା ପବନର ଗତି ୩୦ରୁ ୪୦ କିମି ପବନ ବହିପାରେ। ୨୨ରେ ଏହା କ୍ରମଶଃ ବଢ଼ି ଘଣ୍ଟାପିଛା ୪୦ରୁ ୫୦ ଓ ୨୩ରେ ୪୫ରୁ ୫୫କିମି ପବନ ବହିବାର ଆଶା କରାଯାଉଛି। ଏହାକୁ ଦେଖି ଆମେ ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କତା ସୂଚନା ଜାରି କରାଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ଦକ୍ଷିଣ ବଙ୍ଗୋପସାଗର, ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଅଛନ୍ତି, ସେମାନେ ଉପକୂଳକୁ ଅକ୍ଟୋବର ୨୧ ତାରିଖ ସୁଦ୍ଧା ଫେରି ଆସନ୍ତୁ। ଏହା ସହିତ ମତ୍ସ୍ୟଜୀବୀମାନେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗର ଓ ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗରକୁ ପ୍ରବେଶ କରିବା ଉଚିତ ନୁହେଁ। କାରଣ ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ, ଯାହା ଦ୍ୱାରା ମତ୍ସ୍ୟଜୀବୀଙ୍କ ପାଇଁ ସମୁଦ୍ର ଭିତରକୁ ପ୍ରବେଶ କରିବା ଉପକୂଳ ହେବ ନାହିଁ।

ବାତ୍ୟା ନେଇ ଆମେ କୌଣସି ଚେତାବନୀ ଜାରି କରିନାହୁଁ। ଲଘୁଚାପ ସୃଷ୍ଟି ହେଲା ପରେ ପରବର୍ତ୍ତୀ ସୂଚନା ଜାରି କରାଯିବ। ବର୍ତ୍ତମାନ ପାଇଁ ତାମିଲନାଡୁ, ପଡୁଚେରୀ ଓ ଆନ୍ଧ୍ରପ୍ରଦେଶ ପାଇଁ ଚେତାବନୀ ଜାରି କରାଯାଇଛି। ଓଡିଶା ପାଇଁ ସେମିତ ପାଣିପାଗ ସତର୍କତାମୂଳକ ସୂଚନା ଜାରି କରାଯାଇ ନାହିଁ।

### ଷଣ୍ଢ ମୁହଁରେ...

ବେଳେ ତାହା ଭୟଙ୍କର ଭାବେ ଫାଟିବ। ସେବେ କଣ ହେବ ପରିସ୍ଥିତି ? କଣ ହେବ ଆପଣଙ୍କ ଅବସ୍ଥା ? ଠିକ୍ ସେମିତି ଏ ନିରୀହ ପଶୁ ସହ ହେଇଛି। ଯାହା ସିଏ କେବେ ଏ ମଣିଷ ସମାଜ ପାଖରୁ କେବେ ଆଶା କରିନଥିଲା। ବିଶ୍ୱାସରେ ମଣିଷ ଯେ ବିଷ ଦେଇପାରେ ତାହା ଜାଣିବା ପରେ ଆଉ ବାଣରେ ମୁହଁ ଫାଟିଯିବା ପରେ ଷଣ୍ଢ ଆଖିରୁ ଧାରଧାର ଲୁହ ଝରିପଡୁଛି। ସତରେ କେତେ ଯନ୍ତ୍ରଣା ଦାୟକ ଏ ଚିତ୍ର। ହୃଦୟବିଦାରକ ଦୃଶ୍ୟ ଦେଖିଲା ପରେ ମନକୁ ପ୍ରଶ୍ନ ଆସୁଛି ଷଣ୍ଢ ହେଲା ବୋଲି କଣ ତାର ଜୀବନ ନାହିଁ ନା କଣ ? ମଣିଷ ଭିତରେ କାହିଁକି ଧିରେଧିରେ ମରି ଯାଉଛି ମଣିଷ ପଣିଆ ।


ଯଦି ଷଣ୍ଢର ଏମିତି ଅବସ୍ଥା ପଛରେ ବାରହା ମାରିବାକୁ ବିସ୍ଫୋରଣ କାରଣ ହେଇଥାଏ ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଅନ୍ୟପଟେ ଦୀପାବଳି ପାଇଁ ଚାରିଆଡେ ବାଣ ଫୁଟୁଥିବାରୁ କିଛି ଅଫୁଟା ବାଣ ବି ଅଳିଆଗଦାରେ କେହି ଫିଙ୍ଗି ଦେଉଥିବା ଦେଖିବାକୁ ମିଳୁଛି ଆଉ କେହି କେହି ପଶୁଙ୍କ ଉପରକୁ ବାଣ ଫିଙ୍ଗୁଥିବା ବି ଦେଖିବାକୁ ମିଳେ ତେଣୁ ଏପରି ସ୍ଥଳରେ ପଶୁଙ୍କ ଉପରକୁ ବାଣ ଫିଙ୍ଗି କିମ୍ବା ସେମାନଙ୍କ ଖାଦ୍ୟରେ ବାଣ ଦେଇ ଅମାନୁଷିକ କାର୍ଯ୍ୟ କରୁଛନ୍ତି ଦୟାକରି ସେମାନେ ଏସବୁରୁ ବିରତ ରୁହନ୍ତୁ। କାରଣ ଆପଣଙ୍କ ଖୁସି ପାଇଁ ପଶୁମାନେ ହଇରାଣ ନହୁଅନ୍ତୁ।

### ନୂଆପଡ଼ାରେ କର୍ମୀଙ୍କ...

କରିଛନ୍ତି । ଏ ପରିପ୍ରେକ୍ଷୀରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ "ଆମର ଭୋଟ ପାଇବ ସିଏ, ନିଶା ନିବାରଣ କରିବ ଯିଏ ।" ଲେଖାଥିବା ବହୁ ସଂଖ୍ୟକ ପୋଷ୍ଟର ଦେଖିବାକୁ ମିଳୁଥିବା ପରିପ୍ରେକ୍ଷୀରେ ନିର୍ବାଚନ ପ୍ରଚାରବେଳେ ନେତାଙ୍କ ନୋଟ୍ ଓ ନିଶା ବଣ୍ଟନ କେତେଦୂର କାମ ଦେବ ତାହା ଉପରେ ସମସ୍ତଙ୍କ ନଜର । ଏଠାରେ ଉଲ୍ଲେଖନୀୟ ଯେ ଏହି ଜିଲ୍ଲାର ପାର୍ବତ୍ୟ ଅଞ୍ଚଳରେ ପୂର୍ବରୁ ଗଞ୍ଜେଇ ଚାଷ ହୋଇ ଆସୁଛି ।













Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ